## ସଂକ୍ଷେପରେ

### କ୍ଷତାକ୍ତ କଇଁଛ ଉଦ୍ଧାର, ଚିକିତ୍ସା କରାଇଲେ ଘନଶ୍ୟାମ



ଟିକିରି, ୨।୮ (ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ରେଳଲାଇନ ନିକଟରୁ ଏକ କ୍ଷତାକ୍ତ କଇଁଛକୁ ସ୍ଥାନୀୟ ଅଞ୍ଚଳର ଘନଶ୍ୟାମ ବେହେରା ଉଦ୍ଧାରକରି ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ କରାଇଛନ୍ତି। ଏବେ ଉକ୍ତ କଇଁଛକୁ ସେ ନିଜ ଘରେ ରଖିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ କଇଁଛକୁ କୌଣସି ଏକ ବଡ଼ ପୋଖରୀରେ ଛାଡ଼ି ଦେବେ ବୋଲି ଘନଶ୍ୟାମ କହିଛନ୍ତି। ଧୀରେ ଧୀରେ ଅନେକ ଜୀବଜନ୍ତୁଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ତେଣୁ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା ସମସ୍ତଙ୍କ ଦାୟିତ୍ୱ ବୋଲି ଘନଶ୍ୟାମ କହିଛନ୍ତି।

### ମୁନିଗୁଡ଼ାର ସାମାଜିକ କର୍ମୀ ଗୁଜରାଟରେ ସମ୍ମାନିତ

ମୁନିଗୁଡ଼ା, ୨।୮ (ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ସହର ଲଟାଗୁଡ଼ାସ୍ଥିତ ଗାନ୍ଧିବାଦୀ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତଙ୍କୁ ସର୍ବସେବା ସଂଘ ତରଫରୁ ସମ୍ମାନିତ କରାଯାଇଛି। ଗୁଜରାଟର ସୁରଟ ନିକଟବର୍ତ୍ତୀ ଦାଦା ଭଗବାନ ମନ୍ଦିର ପରିସରରେ ଜୁଲାଇ ୧୭ ଓ ୧୮ରେ ଆୟୋଜିତ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ସର୍ବୋଚ୍ଚ ସଙ୍ଗଠନ ସର୍ବସେବା ସଂଘର ୮୯ତମ ଜାତୀୟ ଅଧିବେଶନରେ ତାଙ୍କୁ ସମ୍ମାନିତ କରାଯାଇଛି। ଗାନ୍ଧିଜୀ, ବିନୋବା, ଜୟପ୍ରକାଶ ନାରାୟଣଙ୍କ ଆଦର୍ଶରେ ଅନୁପ୍ରାଣିତ ଗୌରାଙ୍ଗଙ୍କୁ ଅହିଂସକ ସର୍ବୋଦୟ ସମାଜ, ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ଶୋଷଣମୁକ୍ତ ସମାଜ ଗଠନ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଛି। ସର୍ବସେବା ସଂଘ ରାଷ୍ଟ୍ରୀୟ ଅଧକ୍ଷ ଚନ୍ଦନ ପାଲ, ମହାତ୍ମା ଗାନ୍ଧୀ ଗବେଷଣା କେନ୍ଦ୍ର ପ୍ରବନ୍ଧକ ଟ୍ରଷ୍ଟି ଉତ୍ତମଭାଇ ପରମାର, ଗୁଜରାଟ ବିଦ୍ୟାପୀଠ କୁଳପତି ଡ. ରାଜେନ୍ଦ୍ର ଖିମାଣିଙ୍କ ସମେତ ଦେଶର ବିଭିନ୍ନ ପ୍ରଦେଶର ଲୋକସେବକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗୌରାଙ୍ଗଙ୍କୁ ତାଙ୍କ ଜୀବନବ୍ୟାପୀ ସେବା, ସମର୍ପଣ ଆଉ ସାମାଜିକ ସଂହତି ପାଇଁ ଏହି ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନ ମିଳିଥିବାରୁ ମୁନିଗୁଡ଼ା ସାହିତ୍ୟ ସଂସଦ, ଦକ୍ଷିଣ ଓଡ଼ିଶା ସାହିତ୍ୟ ସଂସଦ, ଗିରିପଥ ସାହିତ୍ୟ ସଂସଦ, ମୁନିଗୁଡ଼ା ପ୍ରେସ୍ କ୍ଲବ, ଚରକ ବୈଦ୍ୟସଂଘ ଓ ସ୍ଥାନୀୟ ଲୋକେ ତାଙ୍କୁ ଅଭିନନ୍ଦନ ଜଣାଯାଇଛନ୍ତି।

### ସାଇକେଲ ଚୋରି ମାମଲା, ୩ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି, ୨।୮ (ଡି.ଏନ୍.ଏ.)- ଦିଗପହଣ୍ଡି ପୋଲିସ ମଙ୍ଗଳବାର ଚୋରି ମାମଲାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ତା'ର ଅନ୍ୟ ୨ ସହଯୋଗୀଙ୍କୁ କୋର୍ଟ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ଜଣକ କେ. ନୂଆଗାଁ ଥାନା ଅନ୍ତର୍ଗତ ଗଡ଼ସାମନ୍ତରାପୁର ଗ୍ରାମର ବି.ସନ୍ତୋଷ ପାତ୍ର ଏବଂ ତାଙ୍କ ଅନ୍ୟ ଦୁଇ ସହଯୋଗୀ ହେଲେ ଜରଡ଼ା ଥାନା ଖରଣିପଡା ଗ୍ରାମର କେ. ସୁଦାମ ଏବଂ ଟି. ରାଜକୁମାର ବୋଲି ଜଣାପଡିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ୩ ଅଭିଯୁକ୍ତ ମିଶି ଦିଗପହଣ୍ଡିର ବିଭିନ୍ନ ସ୍ଥାନରୁ ସାଇକେଲଗୁଡିକୁ ଚୋରାଇ ନେଉଥିଲେ।

# ଘରକୁ ଘର ବୁଲି ଭୋଟର କାର୍ଡ ସହ ଆଧାର ଲିଙ୍କ୍ କରିବେ ବିଏଲ୍‌ଓ

**ଗୁଣପୁର, ୨।୮ (ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ ଅଧିକାରୀ, ରାଜନୈତିକ ଦଳର କର୍ମୀ ଓ ଅନ୍ୟମାନେ।

- ବୁଥ୍‌ସ୍ତରରେ ମଧ ଏହି ବ୍ୟବସ୍ଥା କରାଯାଇଥିବା ସୂଚନା
- ୧୭ ବର୍ଷ ହୋଇଥିଲେ ନୂତନ ଭୋଟର ତାଲିକାରେ ନାମ ସଂଯୋଗ କରିପାରିବେ

ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ୍‌କୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଉପଜିଲାପାଳ ତଥା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଲୋକନାଥ ଦଳବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସହକାରୀ ଜିଲାପାଳ ରାଜେନ୍ଦ୍ର ପ୍ରସାଦ ଚୌଧୁରୀ, ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ଏନ୍‌ଜିଓର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅଗଷ୍ଟ ୧ରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। ନୂତନ ନାମ ସଂଯୋଗ ସହ ବାଦ୍ ଏବଂ ନାମ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବ। ନୂତନ ଭାବେ ନାମ ସଂଯୋଗ କରୁଥିବା ଭୋଟରଙ୍କ ଆଧାର ସଂଯୋଗ ସହ ଯେଉଁମାନଙ୍କ ଭୋଟର କାର୍ଡ ପୂର୍ବରୁ ରହିଛି ସେମାନେ ଆଧାରକାର୍ଡ ସହ ଲିଙ୍କ୍ ସ୍ୱେଚ୍ଛାକୃତ ଭାବେ କରିବା ପାଇଁ ସଚେତନା ପଦକ୍ଷେପ ଗ୍ରହଣ କରାଯିବ। ଏଥିନେଇ ବୁଥ୍‌ସ୍ତରରେ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି କାର୍ଯ୍ୟରେ ନିୟୋଜିତ ଥିବା ବିଏଲ୍‌ଓମାନେ ଘର ଘର ବୁଲି ଏହି କାର୍ଯ୍ୟ ସମ୍ପାଦନ କରିବେ ବୋଲି ସୂଚନା ଦିଆଯାଇଛି। ସେମାନେ ଲୋକଙ୍କୁ ସଚେତନ କରିବା ସହ ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ୍ ବ୍ୟବସ୍ଥା କରିବେ। ଯେଉଁମାନଙ୍କ ଭୋଟର କାର୍ଡ ରହିଛି ସେମାନେ ଏପ୍ରିଲ ୨୦୨୩ ସୁଦ୍ଧା ଆଧାର ସଂଯୋଗ ନେଇ ସୂଚନା ଦେବେ। ବର୍ଷରେ ୪ ଥର (ଜାନୁୟାରୀ, ଏପ୍ରିଲ, ଜୁଲାଇ ଏବଂ ଅକ୍ଟୋବରରେ) ନୂତନ ସଂଯୋଗ ସହ ଅନ୍ୟ ପ୍ରସଙ୍ଗରେ ପ୍ରକ୍ରିୟା ସମ୍ପାଦନ ହେବ। ଯେଉଁମାନଙ୍କୁ ୧୭ ବର୍ଷ ସେମାନେ ବର୍ତ୍ତମାନ ନୂତନ ନିୟମ ପ୍ରକାରେ ଭୋଟର ତାଲିକାରେ ନାମ ସଂଯୋଗ କରିବେ ବୋଲି ସୂଚନା ଦିଆଯାଇଛି।

# ଟ୍ରେନ୍‌ରେ ସୁରକ୍ଷା କର୍ମୀ ନିୟୋଜିତ କରାଯାଉ

**ଗୁଣପୁର, ୨।୮ (ଡି.ଏନ୍.ଏ.)**

- ଗୁଣପୁର-କଟକ ମେମୁ ଟ୍ରେନ୍‌ରେ ସୁରକ୍ଷା ବ୍ୟବସ୍ଥା ଦାବି
- ବିଳମ୍ବିତ ରାତିରେ ଟ୍ରେନ୍ ଚଳାଚଳ କରୁଥିବାରୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି ମହିଳା

ଗୁଣପୁର-କଟକ ମେମୁ ଟ୍ରେନ୍‌ରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବାକୁ ଦାବି ହୋଇଛି। କଟକ-ଗୁଣପୁର (୧୮୪୪୩) ମେମୁ ଟ୍ରେନ୍ ସନ୍ଧ୍ୟା ୫.୩୦ରେ କଟକରୁ ବାହାରି ରାତି ୧.୪୫ରେ ଗୁଣପୁରରେ ପହଞ୍ଚୁଛି। ବିଳମ୍ବିତ ରାତିରେ ଟ୍ରେନ୍‌ଟି ଯାତାୟାତ କରୁଥିବାରୁ ଯାତ୍ରୀଙ୍କ ମଧ୍ୟରେ ଭୟ ରହୁଛି। ଅସାମାଜିକ କାର୍ଯ୍ୟକଳାପ ତଥା ଚୋରି ଆଶଙ୍କା ରହିଛି। ବିଶେଷକରି ମହିଳା ଏବଂ ଯୁବତୀମାନେ ଏହି ଟ୍ରେନ୍‌ରେ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି। ସେହିଭଳି ଗୁଣପୁର-କଟକ ମେମୁ ଟ୍ରେନ୍ ରାତି ୨.୪୫ରେ ଗୁଣପୁରରୁ ବାହାରି କଟକ ଅଭିମୁଖେ ଯାତ୍ରା କରୁଛି। ଗୁଣପୁର-ପଲାସା ମଧ୍ୟରେ ରାତିରେ ଯାଉଥିବା ଏହା ଏକମାତ୍ର ଟ୍ରେନ୍। ଉକ୍ତ ଟ୍ରେନ୍‌ରେ କୌଣସି ସୁରକ୍ଷାକର୍ମୀ ରହୁନାହାନ୍ତି। ତେଣୁ ଏହି ଟ୍ରେନ୍‌ରେ ଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରା ପାଇଁ ପଲାସାଠାରୁ ଗୁଣପୁର ମଧ୍ୟରେ ସୁରକ୍ଷା କର୍ମୀ ନିୟୋଜିତ କରିବା ପାଇଁ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘ ସଭାପତି ସତ୍ୟପ୍ରକାଶ ପଣ୍ଡା, ନବନିର୍ମାଣ ସମିତି ଅଧକ୍ଷ ଅକ୍ଷୟ ଦାସ ଏବଂ ଅନ୍ୟ ସଙ୍ଗଠନ ଦାବି କରିଛି। ଟ୍ରେନ୍‌ରେ ଆର୍‌ପିଏଫ୍ ନିୟୋଜିତ କରାଗଲେ ଯାତ୍ରୀ ନିଜକୁ ସୁରକ୍ଷିତ ଅନୁଭବ କରି ଯାତ୍ରା କରିବେ ଏବଂ ଏହାଦ୍ୱାରା ରେଲ୍‌ୱେର ଉନ୍ନତି ମଧ୍ୟ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

**ନବରଙ୍ଗପୁର, ୨।୮ (ବି.ପ୍ର.)**

- ଉଚ୍ଚ ଶିକ୍ଷିତ ଯୁବକଙ୍କୁ ମାଡ଼ ଘଟଣା
- ଗିରଫ ପରେ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ଜଣେ ଶିକ୍ଷିତ ଯୁବକଙ୍କୁ ଚୋର ଭାବି ରାସ୍ତାରେ ହାତ ବାନ୍ଧି ଉଲଗ୍ନ କରି ଅମାନବିକ ଭାବେ ମାଡ଼ ମାରିଥିବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ ନିକଟରେ ଅଭିଯୋଗ ହୋଇଛି। ଏହାକୁ ନେଇ ଡାଇରୀ ନମ୍ବର ୧୨୭୭୨/ଆଇଏନ୍/ ୨୦୨୨ ପଞ୍ଜିକରଣ ହୋଇଛି। ଢେଙ୍କାନାଳ ଜିଲା କାମାକ୍ଷାନଗର ଖୁରୁଷିଆ ଗାଁର ଜାତୀୟ ମାନବାଧିକାର କମିଶନ ପ୍ରତିରକ୍ଷାକାରୀ ଭଜମନ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ ସହ ସଠିକ ଧାରା ଲଗାଇବାକୁ ସେ ଅନୁରୋଧ କରିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଧାରା ଅନୁଯାଇ ୭ ଦିନ ମଧ୍ୟରେ କ୍ଷତି ପୂରଣ ସହ କାଙ୍ଗାରୁ କୋର୍ଟ ଭଳି ଅମାନବୀୟ କାର୍ଯ୍ୟକଳାପ ବନ୍ଦ କରିବାକୁ ରାଜ୍ୟ ସରକାର, ନବରଙ୍ଗପୁର ଏସ୍‌ପି ଏବଂ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଜଣାଇଛନ୍ତି।

ସୂଚନାନୁଯାୟୀ ରବିବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ରତାଖଣ୍ଡିଗୁଡା ପଞ୍ଚାୟତ ଅଧୀନ ଡରକିଗୁଡା ଗ୍ରାମର ବୃନ୍ଦାବନ ସାନ୍ତାଙ୍କୁ ଚନ୍ଦାହାଣ୍ଡି ବ୍ଲକ ମୋତିଗାଁରେ କେତେଜଣ ଉଲଗ୍ନ କରି, ହାତ ବାନ୍ଧି ନିସ୍ଠୁକ ଭାବରେ ମାଡ଼ ମାରିଥିଲେ। ଏହାର ଭିଡିଓ ଜାରିକରି ସୋସିଆଲ ମିଡିଆରେ କେତେଜଣ ଭାଇରଲ କରିଥିଲେ। ଜଣେ ବ୍ୟକ୍ତିଙ୍କ ବେଶ ବୁଶାରୁ ଶିକ୍ଷାଗତ ଯୋଗ୍ୟତା ଜଣା ପଡେନାହିଁ ଓ ବୃନ୍ଦାବନ ଜଣେ ଉଚ୍ଚ ଶିକ୍ଷିତ ପିଏଚ୍‌ଡ଼ି ଛାତ୍ର। ଅମାନବୀୟଭାବେ ମାଡ଼ ମାରିବା ସହ ବୃନ୍ଦାବନଙ୍କ ମାନବ ଅଧିକାର କ୍ଷୁର୍ଣ୍ଣ ହୋଇଥିଲା। ଏହି ଘଟଣାରେ ଚନ୍ଦାହାଣ୍ଡି ଥାନାରେ ୯୩/୨୨ରେ ମାମଲା ରୁଜୁ ହୋଇ ୨ଅଭିଯୁକ୍ତ କପିଳ ରଣା ଓ ଦିବ୍ୟରଞ୍ଜନ ତ୍ରିପାଠୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।



ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ନ ଆସିବାରୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଥିପା ଗାଁର ଜଣେ ମହିଳାଙ୍କୁ ପରିବାର ଲୋକେ ଖଟିଆରେ ବୋହି ନେଉଛନ୍ତି।

# ୫ କି.ମି. କାଦୁଅ ରାସ୍ତାରେ ଖଟିଆରେ ବୁହା ହେଲେ ରୋଗୀ

**ଚନ୍ଦାହାଣ୍ଡି, ୨।୮ (ଡି.ଏନ୍.ଏ.)**

**ଗାଁକୁ ଆସି ପାରିଲାନି ଆମ୍ବୁଲାନ୍ସ**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ରୋଗୀ ଯନ୍ତ୍ରଣାର କରୁଣ ଚିତ୍ର ସାମନାକୁ ଆସିଛି। ଜଣେ ରୋଗୀଙ୍କୁ ୫ କିମି କାଦୁଅ ରାସ୍ତାରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହିଛନ୍ତି ପରିବାର ଲୋକେ। ଚନ୍ଦାହାଣ୍ଡିରେ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସୁଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଥିପା ଗାଁର ରାଏମତି ସାନ୍ତା (୪୫)ଙ୍କର କିଛିଦିନ ହେବ ଜର ହେଉଥିଲା। ମଙ୍ଗଳବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଡକାଇ ଥିଲେ। ଗାଁକୁ ଯିବାକୁ ହେଲେ ଜଙ୍ଗଲ ଓ ନାଳ ପାରି ହେବାକୁ ପଡିଥାଏ। ଆମ୍ବୁଲାନ୍ସ ଥିପା ଗାଁକୁ ଆସି ନ ପାରି ୫ କିମି ଦୂର ବଇଦପଡା ପାଖରେ ଅଟକି ଥିଲା। ପରିବାର ଲୋକେ ୫କିମି କାଦୁଅ ରାସ୍ତାରେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ତାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ଉମରକୋଟ ଡାକ୍ତରଖାନାକୁ ବଦଳି କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ତଳେ ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଗୌରଝରିଆ ଗାଁରେ ମଧ ଜଣେ ପ୍ରସୂତିଙ୍କୁ ଖଟିଆରେ ବୋହି ଆଣିବାବେଳେ ସେ ରାସ୍ତା ମଝିରେ ପ୍ରସବ କରିଥିଲେ। ଏହି ଘଟଣା ଲୋକଙ୍କ ମନରୁ ନ ଲିଭୁଣି ପୁଣି ଜଣେ ମହିଳାଙ୍କୁ ଖଟିବାରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ଲୋକେ ସହଜରେ ହଜମ କରିପାରୁନାହାନ୍ତି। ସରକାର କେବଳ ବିଭିନ୍ନ ଯୋଜନାର ନାରା ଦେଉଛନ୍ତି। ଥିପା ଭଳି ଅପହଞ୍ଚ ଇଲାକା ଏବେବି ଅବହେଳିତ ବୋଲି ଅଞ୍ଚଳବାସୀ କହିଛନ୍ତି।

### କାର ଦୁର୍ଘଟଣାରେ ୪ ଗୁରୁତର

**ଆର.ଉଦୟଗିରି, ୨।୮ (ଡି.ଏନ.ଏ.)**

ଆର.ଉଦୟଗିରି ଥାନା ଅନ୍ତର୍ଗତ ଅବାରସିଂ ଗ୍ରାମ ନିକଟରେ ମଙ୍ଗଳବାର ଏକ କାର ଦୁର୍ଘଟଣାରେ ୪ ଜଣ ଗୁରୁତର ହେବା ସହ ୨ ଜଣ ଆହତ ହୋଇଛନ୍ତି। ମୋହନା ବ୍ଲକ ହାତିପେଙ୍କା ଗ୍ରାମର ସେନୁ ପାଇକ, ଜୟନ୍ତ ପାଣି, ଦୁଇ ବର୍ଷର ଶିଶୁ ଜେମସ ପାଣି, ଜେସିକା ପାଣି, କାର ଡ୍ରାଇଭର ସତ୍ୟସୁବନ ପାଣି ଓ କେରଳରୁ ଆସିଥିବା ଜଣେ ସିଷ୍ଟର କ୍ରିଷ୍ଟିନା ଏକ କାର (ନଂ ଏପି୨୯ ବିପି ୮୭୬୯)ରେ ବିରିକୋଟ ଯାଉଥିବା ସମୟରେ ଅବାରସିଂ ଗ୍ରାମ ନିକଟରେ କାରର ଡାହାଣ ପାର୍ଶ୍ୱ ଆଗ ଚକ ଫାଟିଯାଇଥିଲା। ଫଳରେ କାର୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସେହି ରାସ୍ତା ଦେଇ ମୋହନା ପିସି ଏନଜିଓର ସଭାପତି ଭିକାରୀ ବେହେରା ପାରଳାଖେମୁଣ୍ଡି ଯାଉଥିଲେ। ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

# ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଗୁଣପୁର, ୨।୮ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୨ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ତ୍ରିପାଠୀ ଏବଂ ସଂଘମିତ୍ରା ମିଶ୍ର ଉଭୟେ ଚାକିରି ଜୀବନରୁ ଅବସର ନେବା ପରେ ତାଙ୍କୁ ସ୍କୁଲ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଗୁଣପୁର ବ୍ଲକ ଭାରପ୍ରାପ୍ତ ବିଇଓ ସୃଜନ ମଲିକ ଉପସ୍ଥିତ ରହି ଅବସରକାଳୀନ ଚିଠି ସହ ପ୍ରୋଭିଜନାଲ ପେନ୍‌ସନ ପ୍ରଦାନ କରିଥିଲେ। ପ୍ରସନ୍ନ ତ୍ରିପାଠୀ ୧୨ ବର୍ଷ ଧରି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ଗୁଣପୁର ଉଚ୍ଚ ବିଦ୍ୟାଳୟରୁ ଡେପୁଟେସନରେ ଯାଇଥିଲେ। ଏଥିଲାଗି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ତାଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶାଙ୍କ ଶେଖର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ହେବନି ପରେଡ଼, ସାଂସ୍କୃତିକ କାର୍ଯ୍ୟକ୍ରମ

**ଉମରକୋଟ, ୨।୮ (ସ୍ୱ.ପ୍ର.)**

**ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ**

ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଉମରକୋଟ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ତହସିଲଦାର ଏନ୍ ଜଗତ ଜିବନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସରକାରଙ୍କ ସମ୍ପ୍ରତି ସ୍ୱାଧୀନତା ଦିବସ ପାଳନ ପାଇଁ ଆସିଥିବା ନିର୍ଦ୍ଦେଶାବଳୀ ଉପରେ ଆଲଚନା ହୋଇଥିଲା। କୋଭିଡ ସମୟରେ ଗତ ୨ ବର୍ଷ ଧରି ଯେପରି କଟକଣା ମଧ୍ୟରେ ସ୍ୱାଧୀନତା ଦିବସ ପାଳନ ହୋଇଥିଲା ଚଳିତ ବର୍ଷ ମଧ୍ୟ ସେପରି କଟକଣା ମଧ୍ୟରେ ହିଁ ପାଳନ ହେବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ମୁଖ୍ୟ ଅତିଥିଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପତାକା ଉତ୍ତୋଳନ କରିବେ ଓ ସ୍ୱାଧୀନତା ଦିବସ ଉପରେ ଉଦବଧନ ଦେବେ। କୌଣସି ପରେଡ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ। ସବୁ ମିଶି ୫୦ରୁ ଉର୍ଦ୍ଧ୍ୱ ଅତିଥି ସ୍ୱାଧୀନତା ଦିବସ ଦିନ ପରେଡ ପଡିଆରେ ଏକତ୍ରିତ ହେବେ। ଉକ୍ତ ଦିନ ଭୋର ୪ଟାରେ ରାମଧୁନ ଗାଡି ସହର ପରିକ୍ରମା କରିବ। ସକାଳ ୯.୧୫ରେ ପତାକା ଉତ୍ତୋଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ଅତିରିକ୍ତ ତହସିଲଦାର ଡକ୍ଟର ଉମେଶ ପୁଜାରୀ, ପୌର ନିର୍ବାହୀଅଧିକାରୀ ରାମଚନ୍ଦ୍ର ମାଝି, ଉମରକୋଟ ଥାନାଧିକାରୀ ଦୀପକ କୁମାର ଜେନା, ପୌର ଉପାଧକ୍ଷ ସୁଧାଂଶୁ ଦାସ, ସରକାରୀ ଓକିଲ ଝାଡେଶ୍ୱର ମହାନ୍ତି ଓ ଶ୍ରୀନିବାସ ପଟନାୟକ, ଫରେଷ୍ଟର ସ୍ମିତିପ୍ରଜ୍ଞା ତ୍ରିପାଠୀ, ଟୁଲୁ ସାହୁ, ଶାନ୍ତିଲତା ମହାନ୍ତି, ଦୁର୍ଗା ପ୍ରସାଦ ମଲ୍ଲିକ, ଚନ୍ଦନା ମଲ୍ଲିକ, ଜେଲର ଖଗେଶ୍ୱର ସିଂ, ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁ, କ୍ରୀଡା ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ସରକାରୀ ସହାୟତାରେ ଭବିଷ୍ୟତ ଗଢ଼ିପାରିଛନ୍ତି ସରୋଜିନୀ

**ନବରଙ୍ଗପୁର, ୨।୮ (ବି.ପ୍ର.)**

ଅଭାବ ଅନାଟନରେ ମାଆ ବାପା ଦାଦନ ଖଟି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଚଳୁଥିଲା। ରୋଗରେ ମାଆବାପାଙ୍କ ମୃତ୍ୟୁ ଘଟିଲା। ଅସହାୟ ହୋଇଗଲେ ୫ ଭାଇ ଭଉଣୀ। ରାଜ୍ୟ ସରକାରଙ୍କ ଯୋଜନା ଓ ଜିଲା ପ୍ରଶାସନ ସହାୟତାର ହାତ ବଢ଼ାଇଲେ। ଅସହାୟ ଛାତ୍ରୀ ସରୋଜିନୀ ହରିଜନ ପାଠପଢି ଚାକିରୀ କରିବା ସହ ଆଜି ଅନ୍ୟଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଚାକିରି କରି ରୋଜଗାରକ୍ଷମ ହୋଇଥିବା ଏଭଳି ସରୋଜିନୀ ତାଙ୍କ ବଡ଼ ଭଉଣୀ, ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ପରଜାକାମଟା ଗାଁର ଗୋବର୍ଦ୍ଧନ ହରିଜନ ଓ କମଳାଙ୍କ ଝିଅ ସରୋଜିନୀ। ଭାଇଭଉଣୀ ହୋଇ ସେମାନେ ୫ଜଣ। ବଡ଼ ଦୁଇ ଭଉଣୀ ମିତୁଲା ଓ ରିନୁଙ୍କର ବିବାହ ହୋଇ ସାରିଥିଲା। ମାଆ ବାପା ବାହାରେ ଦାଦନ ଖଟୁଥିବାରୁ ଭଉଣୀ ସରୋଜିନୀ, ପ୍ରମିଳା ଓ ଭାଇ ଜହନଙ୍କୁ ବଡ଼ ଭଉଣୀ ମିତୁଲା ନିଜ ପାଖରେ ରଖି ନନ୍ଦାହାଣ୍ଡି ବ୍ଲକ ମଝିଗୁଡା ସ୍କୁଲରେ ପଢ଼ାଇଥିଲେ। ଏହା ମଧ୍ୟରେ ୨୦୧୬ରେ କମଳା ଓ ୨୦୧୮ରେ ଗୋବର୍ଦ୍ଧନଙ୍କର ମୃତ୍ୟୁ ଘଟିଲା। ମିତୁଲା ଜିଲାପାଳଙ୍କ ନିକଟରେ ନିଜ ଭାଇଭଉଣୀଙ୍କ ଭବିଷ୍ୟତ ପାଇଁ ନେହୁରା ହେଲେ।



ସରୋଜିନୀ ହରିଜନ।

ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ଶୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ସରୋଜିନିଙ୍କୁ ଆଣି ମଝିଗୁଡାସ୍ଥିତ ପଣ୍ଡିତ ଦିନ ଦୟାଲ ବାଳିକା ଆଶ୍ରମରେ ଥଇଥାନ କଲେ। ଆଶ୍ରମରେ ରହି ସରୋଜିନୀ ପ୍ରଥମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଜବାଗୁଡା ପିୟୁପିଏସରେ ପଢ଼ିଥିଲେ। ୩ୟ ଶେଣୀରେ ୨୪୦୦, ୬ଷ୍ଠରେ ୬୮୦୦ ଟଙ୍କା ମେଧାବୃତ୍ତି ପାଇଥିଲେ। ୨୦୧୮ରେ ଦଶମରେ ୭୧% ମାର୍କ ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟ ସ୍କଲାରସିପି ଯୋଜନାରୁ ୫ହଜାର ଟଙ୍କା ସରୋଜିନୀଙ୍କୁ ମିଳିଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କାଉନ୍‌ସିଲିଂ କରି ସରୋଜିନୀଙ୍କୁ ସୁଦକ୍ଷା ଯୋଜନାରେ ଉମରକୋଟ ସରକାରୀ ଆଇଟିଆଇରେ ଜଏନ କଲେ। ବିଜୁ ସୁରକ୍ଷା ଯୋଜନାରେ ୨୦ ହଜାର ଟଙ୍କା ପ୍ରଶାସନ ପକ୍ଷରୁ ପ୍ରଦାନ କରାଗଲା। ୮୨% ନମ୍ବର ରଖି ପାସ କଲେ ସରୋଜିନୀ। ମାଟ୍ରିକ ପରେ ସରୋଜିନିଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏ ପୁଷ୍ଟ ପୋଷକତା ଯୋଜନାରେ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିଲା। ସରକାରୀ ସୁବିଧା ସୁଯୋଗ, ପ୍ରଶାସନର ସହାୟତା ଯୋଗୁ ମୋର ଭବିଷ୍ୟତ ଗଢି ପାରିଛି ବୋଲି ସରୋଜିନୀ କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟନାୟକ ମୋ ପାଠ ପଢା ପ୍ରତି ସବୁବେଳେ ଧ୍ୟାନ ଦେଉଥିଲେ ବୋଲି ସେ କହିଛନ୍ତି। ଏବେ ଆନ୍ଧ୍ରପ୍ରଦେଶ ଇଷ୍ଟ ଗୋଦାବରୀ ଜିଲାର ପନାଡ଼ାରେ ଦେବୀ ଆକ୍ୱାଟକ ପ୍ରାଇଭେଟ ଲିମିଟେଡ଼ରେ ଲେଡି ଇନ୍‌ଚାର୍ଜ ରହିବା ସହ ଡାଟା ଏଣ୍ଟ୍ରି ଓ ଅଗ୍ନି ନିରାପତ୍ତା ବିଭାଗରେ ୨୦୨୧ ନଭେମ୍ବରରୁ କାମ କରୁଛନ୍ତି ସରୋଜିନୀ। ସାନ ଭଉଣୀ ପ୍ରମିଳା ହରିଜନ ପଣ୍ଡିତ ଦିନ ଦୟାଲ ବାଳିକା ଆଶ୍ରମରେ ଓ ଭାଇ ଖାତିଗୁଡାସ୍ଥିତ ଆଗେପେ ଚିଲଡ୍ରେନ ହୋମରେ ରହି ପଢୁଛନ୍ତି। ସରକାରଙ୍କ ପକ୍ଷରୁ ଯାହା ସବୁ ସୁବିଧା ରହିଛି ତାହା ଯୋଗାଇ ଦିଆଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ଜୟପୁର, ୨।୮ (ନି.ପ୍ର.) - ଜଣେ ମହିଳାଙ୍କୁ ପରିବାର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ମଙ୍ଗଳବାର ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଜଲାପୁଟ ଅଞ୍ଚଳର ମହିଳା ୱାଇ ଜ୍ୟୋତି ଗତ ୨୯।୭।୧୭ରେ ୱାଇ ରାଜୁଙ୍କୁ ମନ୍ଦିରରେ ବିବାହ କରିଥିଲେ। ବିବାହର ୧ ମାସ ଠିକ ଚଳିବା ପରେ ସ୍ୱାମୀ ରାଜୁ ଯୌତୁକ ପାଇଁ ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲେ ବୋଲି ଜ୍ୟୋତି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପରିସ୍ଥିତିରେ ସୁଧାର ନ ଆସିବାରୁ ଶେଷରେ ଜ୍ୟୋତି ମହିଳା ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### କର୍ମଚାରୀଙ୍କୁ ଦେଖି ଚାଲାଣକାରୀ ଚମ୍ପଟ

ଜୟପୁର, ୨।୮ (ନି.ପ୍ର.) - ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ଜୟନଗର ଛକ ନିକଟରୁ ଧରିଛି। ଜଣେ ବ୍ୟକ୍ତି ଏକ ବାଇକରେ ମଦ ଚାଲାଣ କରୁଥିବା ସୂଚନା ପାଇ ଅବକାରୀ ବିଭାଗ କର୍ମଚାରୀ ଚଢାଉ କରଥିଲେ। ତେବେ କର୍ମଚାରୀଙ୍କୁ ଦେଖି ମଦ ଚାଲାଣକାରୀମାନେ ଚମ୍ପଟ ମାରିଥିଲେ। କର୍ମଚାରୀମାନେ ବାଇକ ଓ ୬୦ ଲିଟର ଦେଶୀ ମଦ ଜବତ କରିଥିଲେ। ଚଢାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାର୍ଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

### ଗଛକୁ ପିଟିଲା କାର୍, ଜଣେ ମୃତ

ବଲସକୁମ୍ପା, ୨।୮: ଖଜୁରିପଡ଼ା ଥାନା ଅନ୍ତର୍ଗତ ସମ୍ପେଦରଠାରେ ମଙ୍ଗଳବାର ଏକ କାର୍ (ଓଡି ୦୨ ଏଜେଡ୍ ୭୦୧୧) ଭାରସାମ୍ୟ ହରାଇ ସର୍ଗି ଗଛକୁ ପିଟିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦଶପଲ୍ଲାର ସନ୍ତୋଷ ତାରେଣିଆ ଓ ଅନ୍ୟ ଆହତମାନେ ହେଲେ ସନ୍ତୋଷ କୁମାର ସାହୁ, ରାଧାନାଥ ପଟ୍ଟନାୟକ, ବଗଲା ବେହେରା। ଦଶପଲ୍ଲାରୁ ଫୁଲବାଣୀକୁ କୌଣସି କାର୍ଯ୍ୟରେ ଏକ କାର୍‌ରେ ୪ଜଣ ଆସୁଥିବା ବେଳେ ଖଜୁରିପଡ଼ା ଥାନା ଅନ୍ତର୍ଗତ ସମ୍ପେଦରଠାରେ ଗାଡ଼ି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା। ଗ୍ରାମବାସୀ ଓ ଖଜୁରିପଡ଼ା ଅଗ୍ନିଶମ ବାହିନୀ ସହ ଟିମ୍ ହ୍ୟୁମାନିଟି ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଗୁରୁତରମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ପୁଣି ଦୁଇ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏ ନେଇ ଖଜୁରିପଡ଼ା ଥାନାରେ ନଂ. ୯୬/୨୨ରେ ଏକ ମାମଲା ରୁଜୁ କରାଯାଇଛି।

### ଶିରିଡି ସାଇ ମନ୍ଦିରରୁ ଚୋରି

ପାରଳାଖେମୁଣ୍ଡି, ୨।୮ (ଡି.ଏନ୍.ଏ.): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ରେଖେଣ ସାହି ସ୍ଥିତ ସିରିଡି ସାଇ ମନ୍ଦିରରୁ ସୋମବାର ରାତିରେ ଦୁର୍ବୃତ୍ତମାନେ ରୁପା ମୁକୁଟ ଓ ସିଂହାସନ ଚୋରି କରିଥିବା ଅଭିଯୋଗ ହୋଇଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ନଂ.୧୫୭/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ପହଞ୍ଚି ସିସିଟିଭି ଫୁଟେଜ୍‌କୁ ଆଧାର କରି ଘଟଣାର ତଦନ୍ତ ଚଳାଇଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି। ପାରଳାଖେମୁଣ୍ଡି ଅଞ୍ଚଳରେ ପୂର୍ବରୁ ମଧ୍ୟ ଏହିପରି ଘଟଣା ଘଟିଥିବା ବେଳେ ଏଯାଏ ପୋଲିସ ଅନେକ ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ।

# କାଲିମେଲା ମିନି ଷ୍ଟାଡିୟମ ଜବରଦଖଲ

- ଚାଷ ପାଇଁ ଜବର ଦଖଲକାରୀ ବୁଲାଇଲେ ହଳ
- ଷ୍ଟାଡିୟମ ରକ୍ଷା ପାଇଁ ଜିଲାପାଳଙ୍କୁ ଚିଠି ଲେଖିଲେ ଗ୍ରାମବାସୀ

କାଲିମେଲା, ୨।୮ (ଡି.ଏନ.ଏ.)



ମାଲାକାନଗିରି ଜିଲ୍ଲା କାଲିମେଲା ବ୍ଲକ ସଦର ମହକୁମା ତହସିଲ କାର୍ଯ୍ୟାଳୟଠାରେ ଥିବା ଏକ ମାତ୍ର ମିନି ଷ୍ଟାଡିୟମ ଖେଳ ପଡିଆକୁ ଜବର ଦଖଲ କରାଯାଇଛି। ଜବର ଦଖଲକାରୀ ଉକ୍ତ ଖେଳ ପଡ଼ିଆ ଜମିକୁ ଚାଷ କରିବା ଉଦ୍ଦେଶ୍ୟରେ ସେଠାରେ ଟ୍ରାକ୍ଟର ଲଗାଇ ହଳ କରିବା ଦେଖିବାକୁ ମିଳିଛି। ସୋମବାର ଅପରାହ୍ନ ୩ ଟାରେ ଏହି ଘଟଣା ଘଟିଥିବା ବେଳେ ଏହାକୁ କାଲିମେଲା ଅଞ୍ଚଳର ବୁଦ୍ଧିଜିବୀ, କ୍ରୀଡାପ୍ରେମୀ ଯୁବଗୋଷ୍ଠୀ ଏବଂ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି। ଲହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଏନେଇ ମାଲକାନଗିରି ଜିଲାପାଳଙ୍କ ସମେତ ଉପ ଜିଲ୍ଲାପାଳ, ରାଜସ୍ୱ ବିଭାଗ ସଚିବ, ଆରଡିସି ବ୍ରହ୍ମପୁର, କାଲିମେଲା ବିଡିଓଙ୍କ ତହସିଲଦାରଙ୍କୁ ଅବଗତ କରାଇଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ତହସିଲ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ମିନି ଷ୍ଟାଡ଼ିୟମ ଛଡ଼ା କାଲିମେଲାରେ ଅନ୍ୟତ୍ର କୌଣସି ଜାଗା ନାହିଁ। ଯେଉଁଠାରେ ସାମୁହିକ ସାଂସ୍କୃତିକ, ଖେଳ, ସରକାରୀ କାର୍ଯ୍ୟକ୍ରମ, ପରେଡ୍ ଆଦି କରାଯାଇପାରିବ। ଏହି ଷ୍ଟାଡ଼ିୟମ ପରିସରକୁ ସ୍ଥାନୀୟ ଭୈରବୀ ଯୁବକ ସଂଘ ଗତ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେଖାଶୁଣା କରି ଆସୁଛି। ଏଥିସହ ଖେଳ ପଡିଆ ପରିସରରେ ଥିବା ହେଲିପ୍ୟାଡ୍ ରେ ପ୍ରତିବର୍ଷ ଆନ୍ତଃରାଜ୍ୟ କ୍ରୀଡ଼ା ଉତ୍ସବ ହୋଇ ଆସୁଛି। ନିୟମିତ ଭାବେ କାଲିମେଲା ବ୍ଲକର ସମସ୍ତ ସରକାରୀ ଓ ସାମୁହିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ଏଠାରେ ହୋଇଥାଏ। ଷ୍ଟାଡ଼ିୟମ ପରିସରରେ ସରକାରଙ୍କ ତରଫରୁ ଦର୍ଶକ ଗ୍ୟାଲେରୀ ନିର୍ମାଣ କରାଯାଇଛି। ଏଥିସହ ଖେଳାଳିଙ୍କ ପାଇଁ ଘର , ପକ୍କା ସଭାମଞ୍ଚ , ଫ୍ଲାଗ ପୋଷ୍ଟ ଓ ହେଲିପ୍ୟାଡ୍ ନିର୍ମାଣ ହୋଇଛି।ମାତ୍ର ପରିତାପର ବିଷୟ ସରକାରୀ କଳର ସହଯୋଗରେ ମଙ୍ଗଳବାର କେତେକ ବ୍ୟକ୍ତି ଏକ ପ୍ରମାଣପତ୍ର ପ୍ରସ୍ତୁତ କରି ଏମ୍ପି- ୧ ଗ୍ରାମର ରାମ ପ୍ରସାଦ ଭଦ୍ର ୯ /୧୦ ଜଣ ବ୍ୟକ୍ତିଙ୍କୁ ଆଣି ଟ୍ରାକ୍ଟର ଲଗାଇ ଷ୍ଟାଡ଼ିୟମ ପରିସରକୁ ଚାଷ କରି ଚାଲି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତ। ଏହାକୁ ସ୍ଥାନୀୟ ଭୈରବୀ ଯୁବକ ସଂଘ ସଦସ୍ୟମାନେ ବିରୋଧ କରିବାରୁ ସେମାନଙ୍କୁ ଗାଳି ଗୁଲଜ କରି ମାଡ଼ମାରିବାକୁ ଧମକ ଦିଆ ଯାଇଥିବା ମଧ୍ୟ ଅଭିଯୋଗ ହୋଇଛି ଏ ନେଇ ଥାନାରେ ଏତଲା ଦିଆ ଯାଇଥିବା ଚମକ ଦେଇଥିବା ଜଣାପଡିଛି। ଭୂ-ଲେଖରୁ ଜାଣିବାକୁ ମିଳିଛି , ଭଦ୍ର ମାତ୍ର ଏ . ୧.୨୯୮ ଡିସିମିଲ ଜମି କଇମେଟଲା ପଞ୍ଚାୟତ ଅନ୍ତର୍ଗତ ଏମପିଭି ୭୫ ଗ୍ରାମର ମନୋରଞ୍ଜନ ରାଏଙ୍କଠାରୁ ୩୧।୫।୨୦୨୨ ରିଖରେ କିଣି ନିଜ ନାମରେ ପଟ୍ଟା କରାଇ ନେଇଛନ୍ତି। ଏହି ସମପରିମାଣର ଜମି ଏମ୍.ପି.ଭି - ୭୫ର ଚାରୁବାଲା ମଜୁମଦାର ଙ୍କ ନାମରେ ଜମି ପଟ୍ଟା କରାଯାଇଛି। ମାତ୍ର ବାସ୍ତବରେ ଚାରୁବାଲା ମଜୁମଦାର କିମ୍ବା ମନୋରଞ୍ଜନ ରାଏ ସେମାନଙ୍କ ନାମରେ ଥିବା ଜମି ପଟ୍ଟା ଯଥାକ୍ରମେ ଖାତା ନଂ ୩୮୧ ଓ ୪୮୫ ମୌଜା କାଲିମେଲା ଜମିର ଦଖଲରେ କେବେ ରହି ନାହାଁନ୍ତି । ବରଂ ଉପରୋକ୍ତ ପଟ୍ଟା ଜାଗା ସହ ପ୍ରାୟ ୪ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଉପରେ ବର୍ତ୍ତମାନ ମିନି ଷ୍ଟାଡ଼ିୟମ ରହିଛି। ।ଏହା ସ୍ୱତେ କିଛି ଜମି ଦଲାଲ ଙ୍କୁ ସମର୍ଥନ କରି ସରକାରୀ ଅଧିକାରୀମାନେ ଷ୍ଟାଡିୟମ୍‌କୁ ସେମାନଙ୍କ ନାମରେ ଜମି ପଟ୍ଟା ଜାରି କରିଥିବା ଦୁଃଖ ଓ ପରିତାପର ବିଷୟ । ଏହାର ତଦନ୍ତ କରି ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏହି ଖେଳ ପଡ଼ିଆକୁ ରକ୍ଷା କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ଖେଳ ପଡ଼ିଆକୁ ଦଖଲ କରି ହଳ କରିଥିବା ଦୁଇ ବ୍ୟକ୍ତି ରାମ ପ୍ରସାଦ ଭଦ୍ର ଓ ଆନନ୍ଦ ମାଲାକାର କହିଛନ୍ତି ଯେ ଖେଳ ପଡିଆରେ ଥିବା ୨ଟି ପ୍ଲଟ ଅନ୍ୟ ଜଣଙ୍କଠାରୁ କିଣିଥିଲୁ। ଏବେ ସେ ଜମି ଆମ ନାମରେ ରେକର୍ଡ ହେବା ପରେ ପ୍ରଶାସନ ପକ୍ଷରୁ ଆମକୁ ଜାଗା ମିଳିଛି। କାଲିମେଲା ତହସିଲ୍ ସୁପରଭାଇଜର ରାମକୃଷ୍ଣ ପଟ୍ଟନାୟକ ଏବଂ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଆମକୁ ଜାଗା ଚିହ୍ନଟ କରି ଦେବା ପରେ ଆମେ ସେଠାରେ ଚାଷ ପାଇଁ ହଳ କରିଛୁ ବୋଲି ସେମାନେ କହିଛନ୍ତି।

### ଘରୁ ଲୁଟ୍ ମାମଲାରେ ୪ କୋର୍ଟଚାଲାଣ

ଗୋପାଳପୁର, ୨।୮ (ଡି.ଏନ୍.ଏ.)

ତାଲାଭାଙ୍ଗି ଘରୁ ଲୁଟ୍ କରିବା ମାମଲାରେ ମଙ୍ଗଳବାର ଗୋଳନ୍ଥରା ଥାନା ପୋଲିସ ୪ ଜଣକୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କନିଷି ହାଟ ଗ୍ରାମର ନିରଞ୍ଜନ ସେଠୀ, ସଂଜୟ ସେଠୀ, ମଦନ ମୋହନପୁର ଗ୍ରାମର ବିନୋଦ ପ୍ରଧାନ ଓ ବୁଦ୍ଧୁ ପ୍ରଧାନ। ତାଙ୍କଠାରୁ ଚୋରି ହୋଇଥିବା ଏକ ହଳଦିଆ ଲୁହା ଗ୍ରୀଲ, ଗୋଟିଏ ବାଇକ୍ ଓ ଗୋଟିଏ ଲାଲ ରଙ୍ଗର ଗ୍ଲେମର, ଗୋଟିଏ ୱାଟର ହ୍ୟାଣ୍ଡପମ୍ପ ଓ ଦୁଇଟି ଏଚ୍‌ପି ପାଣିପମ୍ପ ମିଳିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଖବର ଅନୁସାରେ, ଏହି ଥାନା ଅନ୍ତର୍ଗତ ଧୁବାପୋଲ୍ଲୀ ଗ୍ରାମରେ ଗୋଷାଣୀନୂଆଗାଁ ଅଞ୍ଚଳ ନେହେରୁ ନଗର ଦ୍ୱିତୀୟ ଲାଇନ୍‌ରେ ରହୁଥିବା ବସନ୍ତ କୁମାର ପଣ୍ଡାଙ୍କ ଘର ନିର୍ମାଣ କାମ ଚାଲିଛି। ଗତ ଏପ୍ରିଲ ୩ ତାରିଖ ମଧ୍ୟରାତ୍ରିରେ ନିର୍ମାଣାଧୀନ ଘରେ କେତେଜଣ ଅଜଣା ଲୋକ ତାଲାଭାଙ୍ଗି ଗ୍ରୀଲ ଓ ଦୁଇଟି ପମ୍ପ ସେଟ ଚୋରି କରି ନେଇଥିଲେ। ଏନେଇ ବସନ୍ତ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୯/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରଥମେ କନିଷି ହାଟର ନିରଞ୍ଜନ ସେଠୀଙ୍କ ସନ୍ଧାନ ପାଇବା ପରେ ପୋଲିସ କନିଷି ହାଟରୁ ଉଠାଇ ନେଇ ଥାନାରେ ପଚରାଉଚରା କରିଥିଲା ଓ ତାଙ୍କଠାରୁ ଚୋରି ହୋଇଥିବା ଗ୍ରୀଲ ଓ ପମ୍ପ ଦୁଇଟି ଜବତ ହୋଇଥିଲା। ଉକ୍ତ ପମ୍ପଗୁଡ଼ିକ ବସନ୍ତ ନିଜର ବୋଲି ଚିହ୍ନଟ କରିଥିଲେ।



ଦାମନଯୋଡ଼ିର ଆରାଧ୍ୟା ଦେବୀ ମା'କଣ୍ଟାବାଉଁଶୁଣୀଙ୍କ ପୀଠରେ ମଙ୍ଗଳବାର ବହୁ ପ୍ରତୀକ୍ଷିତ ବୃହଦାକାୟ ଘଣ୍ଟି ଲୋକାର୍ପିତ ହୋଇଛି।

### ମା' କଣ୍ଟାବାଉଁଶୁଣୀଙ୍କ ପୀଠରେ ବୃହଦାକାୟ ଘଣ୍ଟି ଲୋକାର୍ପିତ

ଦାମନଯୋଡ଼ି, ୨।୮ (ସ୍ୱ.ପ୍ର.)

ମଙ୍ଗଳବାର ଦାମନଯୋଡ଼ିର ଆରାଧ୍ୟା ଦେବୀ ମା'କଣ୍ଟାବାଉଁଶୁଣୀଙ୍କ ପୀଠରେ ବହୁ ପ୍ରତୀକ୍ଷିତ ବୃହଦାକାୟ ଘଣ୍ଟି ଲୋକାର୍ପିତ ହୋଇଛି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ମା'ଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁମାଇଁଙ୍କ ସହ ଦୈନନ୍ଦିନ ପୂଜକ ବାସୁ ବଡ଼ନାୟକ ଓ ଜର ବଡ଼ନାୟକ ପୂଜାକାର୍ଯ୍ୟ କରିଥିଲେ। ଇଡି ପାଢ଼ୀଙ୍କ ସହିତ ନାଲ୍‌କୋ ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର, ଡିଜିଏମ୍ ସରୋଜ ନାଥ ଓ ବିଚ୍ଛନ୍ଦ ଚରଣ ଦାସ, ମା'କଣ୍ଟାବାଉଁଶୁଣୀ ସେବାୟତ ମଣ୍ଡଳୀର ପୂର୍ବତନ ସଭାପତି ସୁକାନ୍ତ ଦାସ, ନୂତନ ସଭାପତି ଜେ.କେ.ନାହାକ, ସମ୍ପାଦକ କୃତ୍ତିବାସ ରାଜୁ, କୋଷାଧ୍ୟକ୍ଷ ଆର୍.ଏନ୍.ମୁଦୁଲିଙ୍କ ସହିତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି ବୃହଦାକାୟ ଘଣ୍ଟିର ଓଜନ ୧ କୁଇଣ୍ଟାଲ ୫୪ କିଲୋଗ୍ରାମ। କଣ୍ଟିଲୋରେ କାରିଗର ମନୋରଞ୍ଜନ ମହାରଣା ଏହାର ନିର୍ମାଣ କରିଥିଲେ।

### ସହରର ଟ୍ରାଫିକ୍,ପାର୍କିଂ ସମସ୍ୟାକୁ ନେଇ ପ୍ରଶାସନର ବୈଠକ

ମାଲକାନଗିରି, ୨।୮ (ଡି.ଏନ.ଏ.)

ମାଲକାନଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଜିଲା ସଦର ମହକୁମାରେ ଟ୍ରାଫିକ ଓ ପାର୍କିଂ ସମସ୍ୟାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ଜିଲା ସଦର ମହକୁମାରେ ଟ୍ରାଫିକ ଓ ପାର୍କିଂ ସମସ୍ୟା ଲାଗି ରହି ଏହା ଦିନକୁ ଦିନ ବଢିଚାଲିଛି। ଏହି ସମସ୍ୟାକୁ ନେଇ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ପୌର ଅଧିକାରୀ ଅଶୋକ ଚକ୍ରବର୍ତ୍ତୀ, ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ସମେତ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ବ୍ୟବସାୟୀ ନିଜ ଦୋକାନ ସମ୍ମୁଖରେ ଥିବା ଫୁଟ୍‌ପାଥକୁ କବ୍‌ଜା ନ କରିବା, ଗାଡ଼ି ଗୁଡ଼ିକ ଠିକ୍ ଜାଗାରେ ପାର୍କିଂ କରିବା ଏବଂ ମୁଖ୍ୟ ରାସ୍ତା ଉପରେ କୌଣସି ବ୍ୟବସାୟୀ କିମ୍ବା ଗ୍ରାହକ ଗାଡ଼ି ରଖି ଟ୍ରାଫିକ ସମସ୍ୟା ସୃଷ୍ଟି ନ କରିବା ଲାଗି ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ନିକଟରେ ପୌର ପରିଷଦ ପକ୍ଷରୁ ଫୁଟ୍‌ପାଥକୁ କବ୍‌ଜା କରି ରଖିଥିବା ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।



ଟ୍ରାଫିକ୍ ସମସ୍ୟା ନେଇ ପ୍ରଶାସନ ପକ୍ଷରୁ ବସିଥିବା ବୈଠକ ।

## ମାଙ୍କଡ଼ମୁଣ୍ଡି ଗ୍ରାମରୁ ଜଳ ନମୁନା ସଂଗ୍ରହ କରୁଛି ସ୍ୱାସ୍ଥ୍ୟ ବିଭାଗ

**ଝାଡ଼ାବାନ୍ତିରେ ଆକ୍ରାନ୍ତ ଘଟଣା**

ଦଶମନ୍ତପୁର, ୨।୮ (ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଝାଡ଼ାବାନ୍ତି ପାଇଁ ଗତ କିଛିଦିନ ହେଲା ଚର୍ଚ୍ଚାରେ ରହିଆସିଛି। ବ୍ଲକର ମାଙ୍କଡ଼ମୁଣ୍ଡି ଗ୍ରାମରେ ଝାଡ଼ାବାନ୍ତିରେ ୭ ଜଣ ଆକ୍ରାନ୍ତ ହୋଇ ଜଣକର ମୃତ୍ୟୁ ଘଟିଥିଲା। ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ମାଙ୍କଡ଼ମୁଣ୍ଡି ଗ୍ରାମରେ ଝାଡ଼ାବାନ୍ତି ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ନମୁନା ସଂଗ୍ରହ କରାଯାଇ ମାଇକ୍ରୋ ବାଇଲୋଜିକାଲ ଟେଷ୍ଟ ପାଇଁ ପଠାଯାଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଶ୍ରୀରାମ ପରିଡ଼ାଙ୍କ ନେତୃତ୍ୱରେ ବିପିଏମ୍ ଶ୍ରୀକାନ୍ତ ଦାସ, ଏଏଚ୍‌ୟୁର ଫାର୍ମାସିଷ୍ଟ ସଞ୍ଜୀବ ତ୍ରିପାଠୀଙ୍କ ସମେତ କର୍ମଚାରୀମାନେ ମାଙ୍କଡ଼ମୁଣ୍ଡି ଗ୍ରାମରେ ପହଞ୍ଚି ଗ୍ରାମ ନଳକୂପ ଏବଂ କୂଅରୁ ଜଳ ନମୁନା ସଂଗ୍ରହ କରିଛନ୍ତି। ଏହି ନମୁନା କୋରାପୁଟ ପଠାଯିବ। ଆର୍‌ବିଏସ୍‌କେ ତଥା ଏମ୍‌ଏଚ୍‌ଟି ୟୁନିଟ୍-୧ ଡାକ୍ତର କମଳ ଲୋଚନ ସର୍ଦ୍ଦାର, ଫାର୍ମାସିଷ୍ଟ ପ୍ରମିଳା ପାଣିଗ୍ରାହୀ ଝାଡ଼ାବାନ୍ତି ଆକ୍ରାନ୍ତ ଗ୍ରାମଗୁଡ଼ିକରେ ପହଞ୍ଚି ସଚେତନତା କାର୍ଯ୍ୟକ୍ରମ କରୁଥିବାରୁ ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସିଛି। ପୂର୍ବଭଳି ଆଉ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉ ନ ଥିବା ଜଣାପଡ଼ିଛି। ତେବେ ଗିର୍ଲିଗୁମା ପଞ୍ଚାୟତର ଗଦଲିଗୁମ୍ମା ଗ୍ରାମର ଘାସି ଜାନିଙ୍କ ସ୍ତ୍ରୀ ବାଲମତି ଜାନି (୪୫) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ଏବେ ସୁସ୍ଥ ଅଛନ୍ତି। ପରିବେଶ ସଫାସୁତୁରା ରଖିବା ସହ ବ୍ଲକର ସମସ୍ତ ଗ୍ରାମର ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଉପରେ ନଜର ରଖାଯାଇଥିବା ବିଡିଓ ଡମ୍ବରୁଧର ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷରେ ମାଙ୍କଡ଼ମୁଣ୍ଡି ଗ୍ରାମରେ ଥିବା ଗୋଟିଏ ନଳକୂପରୁ ଗୋଳିଆ ପାଣି ବାହାରୁଛି। ଅନ୍ୟ ଏକ କୂଅ ମଧ୍ୟରେ ବାହାର ପାଣି ପ୍ରବେଶ କରୁଥିବାରୁ ସମସ୍ୟା ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପରିଡ଼ା କହିଛନ୍ତି।

### ପାରାବେଢା ଅଞ୍ଚଳ ପରିଦର୍ଶନ କଲେ ପୌରାଧ୍ୟକ୍ଷ

ଜୟପୁର, ୨।୮ (ନି.ପ୍ର.)

ମଙ୍ଗଳବାର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଜୟପୁର ସହରର ପାରାବେଢା ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଙ୍କ ସହ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ। ପାରାବେଢା ଅଞ୍ଚଳରେ କଣ ସବୁ ସମସ୍ୟା ରହଛି ଏହି ଅବସରରେ ସେ ସାହିବାସିନ୍ଦାଙ୍କୁ ପଚାରି ବୁଝିଥିଲେ। ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ସେମାନେ ସମସ୍ୟା ଭୋଗୁଥିବା ସାହିବାସିନ୍ଦା ପ୍ରକାଶ କରିଥିଲେ। ସମସ୍ୟାର ସମାଧାନ ପାଇଁ ପୌରାଧ୍ୟକ୍ଷ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ।

### କୁଶ କୁଶପାରିଆ ହତ୍ୟା ମାମଲାର ଅଭିଯୁକ୍ତ ଗିରଫ

ଜୟପୁର, ୨।୮ (ନି.ପ୍ର.)

ଜୟପୁର ସଦର ପୋଲିସ ଡେରାଗୁଡାର କୁଶ କୁଶପାରିଆ ହତ୍ୟା ମାମଲାରେ ଜଡିତ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେହେଲେ ସଦର ଥାନା ଅନ୍ତର୍ଗତ କଙ୍କଡା ହାଣ୍ଡି ଗ୍ରାମର ବନ୍ଧୁ ବାଲିପୁଟିଆ। ପୋଲିସ ସୂଚବା ଅନୁଯାୟୀ, ଗତ ୧୮ ତାରିଖରେ କୁଶ କୁଶପାରିଆ ଘରୁ ବାହାରି କିଛି କାର୍ଯ୍ୟରେ ବାହରକୁ ଯାଇଥିଲେ। ୧୯ ତାରିଖ ସକାଳେ କୁଶଙ୍କ ମୃତଦେହ ବାଗ୍ରାଗୁଡାର ନାଳ ପାଖରୁ ମିଳିଥିଲା। ଖବରପାଇ ମୃତକଙ୍କ ବଡଭାଇ ସୋମନାଥ କୁଶପାରିଆ ତାଙ୍କ ଭାଇର ମୃତଦେହ ଚିହ୍ନଟ କରିଥିଲେ। ଜୟପୁର ସଦର ପୋଲିସ ପହଞ୍ଚି ମୃତଦେହ ଜବତ କିର ଏକ ଅପମୃତ୍ୟୁ ମମାଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ହତ୍ୟା କରାଯାଇଥିବା ଜଣାପଡିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରଥିଲା। ମୃତ କୁଶ କୁଶପାରିଆଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତବିକ୍ଷତ ଚିହ୍ନ ରହିଥିଲା। ପୋଲିସ ତଦନ୍ତରୁ କଙ୍କଡାହାଣ୍ଡିର ବନ୍ଧୁ ବାଲିପୁଟିଆଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ତଦନ୍ତ ବେଳେ ପୋଲିସ କୁଶପାରିଆଙ୍କୁ ଆକ୍ରମଣ କରାଯାଇଥିବା ସମୟର ଲୁହାରଡକୁ ଜବତ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏପରି ହତ୍ୟାକାଣ୍ଡ ଘଟିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

## ୫ ଦିନ ପରେ ପରିବାର ଲୋକେ ପାଇଲେ ସମ୍ପର୍କୀୟଙ୍କ ମୃତଦେହ

ମାଲକାନଗିରି, ୨।୮ (ଡି.ଏନ.ଏ.)

ଜଣେ ବୃଦ୍ଧଙ୍କୁ ଢାବା କର୍ମଚାରୀ ପିଟିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ୫ଦିନ ପରେ ପରିବାର ଲୋକଙ୍କୁ ମୃତଦେହ ମିଳିଛି। ଏହା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଖବରରୁ ଜଣାପଡିଛି, ଉତ୍ତର ପ୍ରଦେଶ କ୍ରିଷ୍ଣାନଗର ଗ୍ରାମର ଶଙ୍କର ବିଶ୍ୱାସ ମାଲକାନଗିରି ଏମ୍.ଭି.-୪୨ ଗ୍ରାମରେ ଥିବା ନିଜ ସମ୍ପର୍କୀୟଙ୍କ ଘରକୁ ଏକ ଦଶାହ କାର୍ଯ୍ୟରେ ଯୋଗ ଦେବାକୁ ଆସୁଥିଲେ। ଗତ ୨୯ ତାରିଖରେ ମାଲକାନଗିରି ଜିଲା ସୀମାନ୍ତର ଏକ ଢାବାରେ ସେ ଖାଉଥିବା ବେଳେ କୌଣସି କାରଣରୁ ଢାବା କର୍ମଚାରୀଙ୍କ ସହ ତାଙ୍କର ଗଣ୍ଡୋଗଳ ହୋଇଥିଲା। ଢାବା କର୍ମଚାରୀମାନେ ସମ୍ପୃକ୍ତ ବୃଦ୍ଧଙ୍କୁ ହାତ ବାନ୍ଧି ପିଟି ଲହୁଲୁହାଣ କରି ଦେଇ ଏକ ଅଟୋ ଯୋଗେ ତାଙ୍କ ସମ୍ପର୍କୀୟ ଘରକୁ ପଠାଇ ଦେଇଥିଲେ। ସମ୍ପର୍କୀୟ ଘରେ ଶଙ୍କର ମୁମୂର୍ଷ ଅବସ୍ଥାରେ ପହଞ୍ଚିବା ପରେ ତାଙ୍କୁ ମାଲକାନଗିରି ଜିଲା ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମାଲକାନଗିରି ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ମର୍ଚ୍ଚୁରିରେ ରଖିଥିଲା। ଯେହେତୁ ଆନ୍ଧ୍ରପ୍ରଦେଶର ଚିନ୍ତୁର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି, ସେଠାକାର ପୋଲିସ ପ୍ରଥମେ ମାଲକାନଗିରି ଆସି ତଦନ୍ତ କରିବା ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ କହିଥିଲେ। ଅନ୍ୟପକ୍ଷରେ ଚିନ୍ତୁର ପୋଲିସ ମାଲକାନଗିରିରେ ତାଙ୍କର ମୃତ୍ୟୁ ହୋଇଥିବାରୁ ମାଲକାନଗିରି ଥାନାରେ ହିଁ ମକଦମା ହେଲାପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ଏବଂ ପରିବାର ଲୋକେ ମୃତଦେହ ନେବେ ବୋଲି କହିଥିଲା। ଫଳରେ ମୃତଦେହ ପାଇବା ପାଇଁ ଶଙ୍କରଙ୍କ ପରିବାର ଲୋକେ ଗତ ୪ଦିନ ଧରି ଏଥାନାରୁ ସେ ଥାନା ଦୌଡି ନୟାନ୍ତ ହୋଇଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଙ୍ଗଳବାର ମୃତଦେହ ହସ୍ତାନ୍ତର ନେଇ ତତ୍ପରତା ଦେଖାଇଛନ୍ତି ଉଭୟ ରାଜ୍ୟ ପୋଲିସ। ମଙ୍ଗଳବାର ଆନ୍ଧ୍ର ପୋଲିସ ମାଲକାନଗିରି ଆସି ମାଲକାନଗିରି ପୋଲିସ ଉପସ୍ଥିତିରେ ତଦନ୍ତ କରିବା ସହ ଉଭୟ ରାଜ୍ୟ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଫଳରେ ଗତ ୫ ଦିନ ଧରି ଏଦିଗରେ ଚାଲିଥିବା ଟଣାଓଟରାର ଅବସାନ ଘଟିଛି।

## ଡେଙ୍ଗୁ ରୋକିବାକୁ ସଚେତନତା ଶୋଭାଯାତ୍ରା

ମାଲକାନଗିରି, ୨।୮ (ଡି.ଏନ୍.ଏ.)




ମ୍ୟାଲେରିଆ ଓ ଡେଙ୍ଗୁ ନିୟନ୍ତ୍ରଣ ନେଇ ବାହାରିଥିବା ଶୋଭାଯାତ୍ରା ।

ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ଗ୍ରାମ ଓ ସହରାଞ୍ଚଳର ନାଳନର୍ଦ୍ଦମାରେ ପାଣି ଜମି ଏଡିଶ୍ ମଶା ବଂଶ ବୃଦ୍ଧି କରୁଛନ୍ତି। ଫଳରେ ଡେଙ୍ଗୁ ବ୍ୟାପୁଛି। ଏହି ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏନେଇ ଲୋକଙ୍କୁ ସଚେତନ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେଇଛି। ଗ୍ରାମଗୁଡିକରେ ଶୋଭାଯାତ୍ରା କରି ବିଭାଗ ଲୋକଙ୍କୁ ସଚେତନ କରୁଛି। ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁରେଶ ବାରିକଙ୍କ ନେତୃତ୍ୱରେ ଖଇରପୁଟ ଅଞ୍ଚଳରେ ଡେଙ୍ଗୁ ଜ୍ୱର ନିୟନ୍ତ୍ରଣ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କିପରି ଏଡିଶ୍ ମଶାକୁ ଘଉଡ଼ାଯାଇ ପାରିବ ସେନେଇ ସଚେତନ କରାଯାଇଥିଲା। ବିଶେଷକରି ବାଡ଼ିରେ ପଡ଼ିଥିବା ବିଭିନ୍ନ ଅଦରକାରୀ ହାଣ୍ଡି , ଗ୍ଲାସ୍, ଥାଳି, ପଇଡ଼ ଖୋଳପା, ଟିଣ ଡବା କିମ୍ବା ଘରେ ଥିବା ଫୁଲକୁଣ୍ଡ, ଛାତ ଉପରେ ଥିବା ପାଣିଟାଙ୍କି ପାଖରେ ଜମି ଥିବା ଅଳ୍ପ ପାଣିରେ ଏହି ମଶା ଡିମ୍ବ ଦେବା ସମ୍ଭାବନା ଥିବାରୁ ସେଗୁଡିକୁ ସଫା କରିବାକୁ ଲୋକଙ୍କୁ ଅବଗତ କରାଯାଇଥିଲା। ନିୟମିତ ମଶାରି ଟାଣି ଶୋଇବା, ଦେହ, ହାତଗୋଡ଼କୁ ସମ୍ପୂର୍ଣ୍ଣ ଘୋଡାଇ ରଖି ପାରୁଥିବା ଭଳି ପୋଷାକ ପିନ୍ଧିବା, ଜ୍ୱର ସହ ହାତଗୋଡ଼ ଗଣ୍ଠି ଯନ୍ତ୍ରଣା ହେବା ଏବଂ ଆଖିପଛପଟେ ଯନ୍ତ୍ରଣା ଅନୁଭବ କଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରାଇ ନେବାକୁ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଲିଙ୍ଗରାଜ ସେନାପତି, ପିଏଚଇଓ କେ.ଟି.ଭି.ଆର. ଦୋରାଙ୍କ ସମେତ ସେକ୍ଟର ସୁପରଭାଜର, ବହୁ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସମସ୍ତ ଆଶା କର୍ମୀମାନେ ସାମିଲ ହୋଇଥିଲେ।

# ଜୁଲାଇ ସୁଦ୍ଧା ୧୦ ପ୍ରତିଶତ ଜମିରେ ଧାନ ଚାଷ

## ଧୋକାଦେଲା ମୌସୁମୀ, ପୋଡ଼ିଗଲାଣି ତଳି

ଦିଗପହଣ୍ଡି,୨।୮(ଡି.ଏନ୍.ଏ.)

ଚଳିତ ବର୍ଷ ଦିଗପହଣ୍ଡି ଅଞ୍ଚଳର ଚାଷୀଙ୍କୁ ଧୋକାଦେଇଛି ମୌସୁମୀ ବର୍ଷା । ମୁଖ୍ୟତଃ ଖରିଫ ଧାନ ଚାଷ ମୌସୁମୀ ବର୍ଷା ଉପରେ ନିର୍ଭର କରାଯାଇଥାଏ । କିନ୍ତୁ ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ ଯଥେଷ୍ଟ କମ୍ ହୋଇଛି। ଜୁଲାଇ ମାସରେ ପ୍ରାୟ ୨୨୦ ମିଲିମିଟର ବୃଷ୍ଟିପାତ ଜାଗାରେ ମାତ୍ର ୧୫୦ ମିଲିମିଟର ବର୍ଷା ହୋଇଥିବା ଦିଗପହଣ୍ଡି ଜିଲା କୃଷି କାର୍ଯ୍ୟାଳୟରୁ ସୂଚନା ମିଳିଛି। ଫଳରେ ଧାନଚାଷ ଗୁରୁତର ପ୍ରଭାବିତ ହୋଇଛି। ତଥାପି ଚାଷୀ ଏଯାଏଁ ଚାଷ ଉପରୁ ଆସ୍ଥା ହରାଇ ନାହାଁନ୍ତି। ଗତବର୍ଷ ବିଳମ୍ବିତ ତଥା ଅସ୍ୱାଭାବିକ ବର୍ଷା ସତ୍ତ୍ୱେ ଦିଗପହଣ୍ଡି ଅଞ୍ଚଳରେ ଖରିଫ ଧାନ ଚାଷ ବିଶେଷ ପ୍ରଭାବିତ ହୋଇନଥିଲା। ଚଳିତବର୍ଷ ଅଗଷ୍ଟ ପ୍ରଥମ ସପ୍ତାହ ସରିବାକୁ ବସିଥିବା ବେଳେ ମଙ୍ଗଳବାର ସୁଦ୍ଧା ମୌସୁମୀ କିମ୍ବା ଲଘୁଚାପଜନିତ ବଡ଼ ଧରଣର ବର୍ଷା ଅନୁଭୂତ ହୋଇପାରିନାହିଁ। ଫଳରେ ଚାଷ ଗୁରୁତର ପ୍ରଭାବିତ ହୋଇଛି।

ଚଳିତବର୍ଷ ଦିଗପହଣ୍ଡି ବ୍ଲକ ଏବଂ ଏନ୍ଏସି ଅଞ୍ଚଳର ୨୫,୮୫୫ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯିବା ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଜୁଲାଇ ୩୧ ସୁଦ୍ଧା ମାତ୍ର ୧୦ ପ୍ରତିଶତ ଅର୍ଥାତ ୧ ହଜାର ହେକ୍ଟର ଚାଷ ଜମିରେ ଧାନ ରୁଆ କାର୍ଯ୍ୟ ସମ୍ଭବ ହୋଇପାରିଥିବା କୃଷି ବିଭାଗ ସୂଚନା ଦେଇଛି। ଧାରା ଶ୍ରାବଣରେ ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମର ପ୍ରଭାବ ଦ୍ୱାରା ଗୋଟିଏ ଗୋଟିଏ ତଳି ଘେରାରେ ପ୍ରାୟ ୫୦ ଭାଗ



ପୋଡ଼ି ଯାଇଥିବା ଧାନ ତଳି

ଧାନ ତଳି ପୋଡିଗଲାଣି। ଆଉ ଦୁଇ ତିନି ଦିନ ଯଦି ଖରା ଲାଗିରହେ ତେବେ ଧାନ ତଳି ସମ୍ପୂର୍ଣ୍ଣ ପୋଡ଼ିଯିବ ବୋଲି ଆଶଙ୍କା କରାଯାଉଛି। କେତେକ ସ୍ଥାନରେ ଧାନ ତଳି ବଞ୍ଚାଇବା ପାଇଁ ଚାଷୀମାନେ ସଂଘର୍ଷ ଚଳାଇଛନ୍ତି। ଗାଁଠାରୁ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ପାଣି ବୋହିନେଇ ତଳି ଘେରାରେ ପକାଉଥିବା ବେଳେ ଆଉ କେତେକ ଚାଷୀ ପମ୍ପ ସାହାଯ୍ୟରେ ଜଳସେଚିତ କରିବା ପାଇଁ ଉଦ୍ୟମ କରୁଛନ୍ତି। ବାସୁଦେବପୁର ପଞ୍ଚାୟତ ଚାଷୀ କିଶୋର ଦୋରାଙ୍କ କହିବା କଥା ହେଲା ଡେରିରେ ବର୍ଷା ହେଲେ ମଧ୍ୟ ସେତେବେଳକୁ ଆଉ ଧାନତଳି ନଥିବ। ପାଖରେ ମଧ୍ୟ ଆଉ ବଳକା ବିହନ ନାହିଁ। ଦିଗପହଣ୍ଡି ବ୍ଲକର ସିଦ୍ଧେଶ୍ୱର, କୋଟିନଡା, ବାସୁଦେବପୁର, କୁଶପଡା, ଗୋକର୍ଣ୍ଣପୁର, ବି.ତୁରୁବୁଡି, ବଡଡୁମୁଳା, କରପଡା, ଜକର ଗ୍ରାମପଞ୍ଚାୟତରେ ଧାନତଳି ପ୍ରାୟ ୫୦ ପ୍ରତିଶତ ପୋଡ଼ିଗଲାଣି। କ୍ଷୁଦ୍ର ସେଚପ୍ରକଳ୍ପ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଦିଗପହଣ୍ଡି ଜିଲା କୃଷି ଅଧିକାରୀ ନିରଞ୍ଜନ ମହାପାତ୍ର କହିଛନ୍ତି, କେତେକ ନିର୍ଦ୍ଦିଷ୍ଟ ପଞ୍ଚାୟତରେ ଧାନତଳି ପ୍ରଭାବିତ ହୋଇଥିବା ସୂଚନା ମିଳିଛି। କୃଷି କର୍ମଚାରୀମାନଙ୍କୁ ନିଜ ନିଜର ପଞ୍ଚାୟତର ସବିଶେଷ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁ କହିଛନ୍ତି, ଯେଉଁ ଅଞ୍ଚଳରେ ଧାନତଳି ପ୍ରଭାବିତ ହୋଇଛି ସମ୍ପୃକ୍ତ ଚାଷୀମାନଙ୍କୁ ବର୍ଷା ହେଲା ପର୍ଯ୍ୟନ୍ତ ତଳି ବଞ୍ଚାଇବା ପାଇଁ ବିଭିନ୍ନ ମାର୍ଗ ସମ୍ପର୍କରେ ପରାମର୍ଶ ଦିଆଯାଉଛି। ଜଣେ ବିଭାଗୀୟ କୃଷି କ୍ଷେତ୍ର କର୍ମଚାରୀଙ୍କ ମତାନୁସାରେ ଖରିଫ ଧାନ ଚାଷ କାର୍ଯ୍ୟ ସେପ୍ଟେମ୍ବର ଛୁଇଁବ। ଆବଶ୍ୟକ ବର୍ଷା ନହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଆତ୍ମ ସମର୍ପଣ କଲେ ମାଓବାଦୀ ଦମ୍ପତି

ମାଲକାନଗିରି, ୨।୮(ଡି.ଏନ.ଏ.)- ମାଲକାନଗିରି ଜିଲା ସୀମାନ୍ତ ସୁକ୍‌ମା ଜିଲା ପୋଲିସ ନିକଟରେ ଦକ୍ଷିଣବସ୍ତର ମାଓବାଦୀ ଡିଭିଜନର ମାଓବାଦୀ ସଲବମ ମୁତା ନିଜ ସ୍ତ୍ରୀଙ୍କ ସହ ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି । ଉଭୟ ମାଓବାଦୀଙ୍କ ନାମରେ ୮ ଲକ୍ଷ ଟଙ୍କାର ପୁରସ୍କାର ଥିବା ବେଳେ ସେମାନେ ବହୁ ବଡ ବଡ ହିଂସାକାଣ୍ଡରେ ଜଡିତ ଥିଲେ । ସଲବମଙ୍କ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ୧୬ଟି ହିଂସାକାଣ୍ଡ ରହିଛଇ। ବର୍ତ୍ତମାନ ମାଓବାଦୀ ସଙ୍ଗଠନ ନିଜର ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇଥିବାରୁ ଉଭାୟ ସଙ୍ଗଠନ ଛାଡି ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି।

### ତଳି ପୋଡ଼ିଗଲାଣି, ଜମି ଫାଟି ଆଁ

ରମ୍ଭା,୨।୮: ଧାରା ଶ୍ରାବଣରେ ବି ବର୍ଷାଭାବ। କେଉଁଠି ଜମି ଫାଟି ଆଁ କଲାଣି ତ ଆଉ କେଉଁଟି ତଳି ପୋଡ଼ିଗଲାଣି। ନିଅଣ୍ଟିଆ ବର୍ଷା ଯୋଗୁ ଧାନ ରୁଆ ବି ହୋଇପାରୁନି। ଗଞ୍ଜାମ ଜିଲାରେ ବର୍ଷାର ଅଭାବ ଏବେ ଖରିଫ ଚାଷ ପ୍ରଭାବିତ କରିବା ଆଶଙ୍କା ଉପୁଜିଛି। ବିଶେଷ କରି ଏଭଳି ଦୁର୍ଦ୍ଦଶା ଦେଖିବାକୁ ମିଳିଛି ରମ୍ଭା ଅଞ୍ଚଳରେ। ଏହି ବ୍ଲକର ନିମୁଣ୍ଡଳା, ବରପଲ୍ଲୀ, ଗୋବିନ୍ଦପୁର, ବାଦପଲ୍ଲୀ, ରମ୍ଭା ଓ ସାବୁଳିଆ ସମେତ ଅନେକ ଗ୍ରାମରେ ଚାଷ ଜମି ଏବେ ପଡ଼ିଆ ପଡ଼ିବାକୁ ବସିଲାଣି। ପ୍ରଶାସନ ପକ୍ଷରୁ ଜଳସେଚନର ବ୍ୟବସ୍ଥା ମଧ୍ୟ କରାଯାଉନାହିଁ। ଅଭାବୀ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଯଦି ଆଗାମୀ ଦିନରେ ବର୍ଷା ନହୁଏ ତେବେ ଚାଷ ସମୂଳେ ନଷ୍ଟ ହୋଇଯିବା ଆଶଙ୍କା ଦେଖାଦେଇଛି। ଚାଷୀ, ମୁଲିଆ, ଶ୍ରମିକ, କାରିଗତ ଏବେ ଦାଦନ ଖଟିବାକୁ ଅଣ୍ଟା ଭିଡ଼ିଲେଣି। ଏହାକୁ ଦୃଷ୍ଟିରେ ରଖି ଦଣ୍ଡ ପାତ୍ର, ଭାସ୍କର ପାତ୍ର, ମଙ୍ଗୁଲୁ ପାତ୍ର, ପୂର୍ଣ୍ଣ ପ୍ରଧାନ, ଜଗନ୍ନାଥ ପ୍ରଧାନ, ନାରାୟଣ ପ୍ରଧାନଙ୍କ ସମେତ ଅନେକ ଚାଷୀ ଜଳ ଯୋଗାଇ ଚାଷୀଙ୍କ ଜୀବନ ବଞ୍ଚାଇବାକୁ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି।

### ବଳାତ୍କାର ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଫୁଲବାଣୀ ଅଫିସ, ୨।୮- ଫୁଲବାଣୀ ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ସହକାରୀ ଜିଲା ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ମଙ୍ଗଳବାର ଏକ ବଳାତ୍କାର ମାମଲାର ବିଚାର କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେ ହେଲେ ସାଗର ଦିଗାଲ ।

୨୦୧୨ ଅକ୍ଟୋବର ୨୭ ତାରିଖ ସନ୍ଧ୍ୟା ୫ଟାରେ ପୀଡ଼ିତା ଜଣକ ରାଇକିଆ ବଜାରକୁ ମେଲୋଡି ଦେଖିବା ପାଇଁ ଯାଇଥିଲେ । ମେଲୋଡି ଦେଖି ସେ ରାତିରେ ଘରକୁ ଫେରୁଥିଲେ। ରାଇକିଆ ବାପିଷ୍ଟ ଚର୍ଚ୍ଚ ପାଖରେ ସାଗର ଏବଂ ତାଙ୍କ ୫ ଜଣ ସହଯୋଗୀ ତାଙ୍କ ପାଟି ବନ୍ଦ କରି ଟେକି ନେଇ ବଳାତ୍କାର କରିଥିଲେ । ଏ ନେଇ ରାଇକିଆ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ପରେ ଏହାର ବିଚାର ପାଇଁ ଉକ୍ତ କୋର୍ଟକୁ ମାମଲା ଆସିଥିଲା । ବିଚାର ବେଳେ ସାକ୍ଷ୍ୟ ପ୍ରମାଣ ଅଭାବରୁ ବିଚାରପତି ଅଭିଯୁକ୍ତ ସାଗରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ମୁଦାଲାଙ୍କ ତରଫରୁ ଆଇନଜୀବୀ ମନୋରଞ୍ଜନ ମହାନ୍ତି ମାମଲା ପରିଚାଳନା କରୁଥିଲେ ।

## ଶ୍ରାବଣରେ ମୁହଁପୋଡ଼ା ଖରା

ଧରାକୋଟ,୨।୮(ଡି.ଏନ୍.ଏ.)

ପ୍ରକୃତିର ଖେଳ ଆଗରେ ଚାଷୀକୁଳ ଆଜି ବିଚଳିତ । ନିଜର ବର୍ଷକର ଅନୁକୂଳ ବିଗିଡିଯିବା ଆଶଙ୍କାରେ ଧରାକୋଟ ଅଞ୍ଚଳର ଚାଷୀକୁଳ ଏବେ ଚିନ୍ତାରେ ପଡ଼ିଛନ୍ତି। ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜୁଲାଇ ୧୮ତାରିଖ ପର୍ଯ୍ୟନ୍ତ ବ୍ଲକ ଅଞ୍ଚଳରେ ସ୍ୱାଭାବିକ ବର୍ଷା ହୋଇଥିଲା। ତାହା ପରଠାରୁ ବର୍ଷା କମିଯାଇଛି। ସମଗ୍ର ବ୍ଲକ ସ୍ତରରେ ୧୮୭୦୦ ହେକ୍ଟର ଚାଷଜମି ରହିଛି। ସେଥିରୁ ୧୦୭୧୨ ହେକ୍ଟର ଜଳସେଚିତ, ୭୯୮୮ ହେକ୍ଟର ଅଣଜଳସେଚିତ, ଧନରୁଆ ଜମି ୫୨୦୨ ହେକ୍ଟର, ବୁଣା ଜମି ୧୨୦୦ ହେକ୍ଟର ଓ ଚାଷଜମି ହେଉଛି ୬୩୦୦ ହେକ୍ଟର। ବ୍ଲକ ସ୍ତରରେ ହରଭଙ୍ଗୀ କେନାଲ, ଋଷିକୁଲ୍ୟା କେନାଲ, ବଡ଼ନଈ କେନାଲ ଦ୍ୱାରା ପ୍ରାୟ ଆଠ ପଞ୍ଚାୟତର ଚାଷୀ ଉପକୃତ ହେଉଛନ୍ତି। ଅନ୍ୟାନ୍ୟ ପଞ୍ଚାୟତର ଚାଷ ପାଇଁ ବର୍ଷାଜଳ ଭରସା ଥିବା ବେଳେ ଯଦି ଲଘୁଚାପଜନିତ ବର୍ଷା ନ ହୁଏ, ତା'ହେଲେ ତଳି ମରୁଡ଼ି ସାଙ୍ଗକୁ ରୁଆ ତଳି ମଧ୍ୟ ଜଳିଯିବା ଆଶଙ୍କା ରହିଛି। ଗତବର୍ଷ ସମବାୟ ସମିତି ଚାଷୀଙ୍କର ଫସଲ ବୀମା କରିଥିଲେ। ରାଜସ୍ୱ ବିଭାଗ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେଇଥିଲେ, କିନ୍ତୁ ବୀମା କମ୍ପାନୀ କ୍ଷତିପୂରଣ ପ୍ରଦାନ କରିବାର ନାମ ଧରୁନି। କ୍ଷତି ପୂରଣ ନ ଦେଇ ଚଳିତବର୍ଷ ସମବାୟ ସମିତି ପକ୍ଷରୁ ପୁଣି ଚାଷୀଙ୍କୁ ବୀମାଭୁକ୍ତ କରିବା ପାଇଁ ବାଧ କରାଯାଉଛି, ଯାହାକି ଚାଷୀ ପାଇଁ ଚିନ୍ତାର କାରଣ ହୋଇଛି। ଏଣୁ ରାଜ୍ୟ ସରକାର ଜଳସେଚନର ସୁବନ୍ଦୋବସ୍ତ କରିବା ସହ ବୀମା କମ୍ପାନୀର ମନମୁଖି କାର୍ଯ୍ୟ ଉପରେ ରୋକ ଲଗାଇବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଡ୍ରେନ୍ ନିର୍ମାଣ ହେଉନି, ଘରେ ପଶୁଛି ପାଣି



ଡ୍ରେନ ହୋଇ ନ ଥିବାରୁ ଘରେ ପାଣି ପଶିଛି।

ଚକାପାଦ,୨।୮(ଡି.ଏନ୍.ଏ.)

କନ୍ଧମାଳ ଜିଲା ଚକାପାଦ ମୁଖ୍ୟରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଗ୍ରାମବାସୀ ପ୍ରାୟ ପାଞ୍ଚବର୍ଷ ଧରି ପିଡବ୍ଲ୍ୟୁଡି କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ଆରମ୍ଭ ହୋଇପାରିନାହିଁ। ବର୍ତ୍ତମାନ ଲଗାଣ ବର୍ଷାରେ ପାଣି ବାହାରକୁ ନିଷ୍କାସନ ହୋଇ ନ ପାରି ଗାଁ ଦାଣ୍ଡରେ ଜମି ରହୁଛି। ଫଳରେ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଲଗାଣ ବର୍ଷା ହେଲେ ଦାଣ୍ଡରେ ଆଣ୍ଠୁଏ ପାଣି ଜମିରହୁଛି। ଏପରି କି ଘର ଭିତରେ ମଧ୍ୟ ପାଣି ପଶୁଥିବା ଯୋଗୁ ରୋଷେଇ କରି ନ ପାରି ଲୋକେ ଭୋକଉପାସରେ ରହୁଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ୫ ପଞ୍ଚାୟତର ସରପଞ୍ଚ ପୂର୍ବତନ ଜିଲାପାଳଙ୍କୁ ଭେଟି ଚକାପାଦ ମୁଖ୍ୟରାସ୍ତାର ଦୁଇପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ ଦାବି କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଡ୍ରେନ୍ କାର୍ଯ୍ୟ ଆରମ୍ଭ ହୋଇପାରିଲାନି। ତୁରନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବୁଲା ବେପାରୀଙ୍କୁ ଚୋର ଭାବି ଛେଚିଲେ ଲୋକେ

ହିଞ୍ଜିଳିକାଟୁ, ୨।୮(ଡି.ଏନ୍.ଏ)

ହିଞ୍ଜିଳି ଥାନା ସାରୁ ଛକ ସାଇ ନଗରରେ ରହୁଥିବା ଅନ୍ୟ ରାଜ୍ୟର ବେପାରୀଙ୍କୁ ଶେରଗଡ଼ ଥାନା ଗୋବିନ୍ଦପୁରରେ କେତେଜଣ ଚୋର ଭାବି ମଙ୍ଗଳବାର ନିର୍ଘୁମ ମାଡ଼ ମାରିଛନ୍ତି। ସେ ହେଲେ ପଶ୍ଚିମ ବଙ୍ଗ ନଦିଆ ଜିଲା କାଳିଗଙ୍ଗ ଅଞ୍ଚଳର ବାସିନ୍ଦା ଶେଖ କାନୁ (୨୩)। ପଶ୍ଚିମ ବଙ୍ଗ ନଦିଆ ଜିଲା କାଳିଗଞ୍ଜ ଅଞ୍ଚଳରୁ କିଛି ବେପାରୀ ହିଞ୍ଜିଳି ଥାନା ସାରୁଛକ ସାଇ ନଗରରେ ଏକ ଭଡ଼ା ଘରେ ରୁହନ୍ତି। ସେମାନେ ବିଭିନ୍ନ ଅଞ୍ଚଳ ବୁଲି ଚୁଟି ସଂଗ୍ରହ କରି ବଦଳରେ ରସ ତିଆରି ସାମଗ୍ରୀ ପ୍ରଦାନ କରିବା ବେପାର କରନ୍ତି। ମଙ୍ଗଳବାର କାନୁ ଗୋବିନ୍ଦପୁର ଗ୍ରାମକୁ ବେପାର ପାଇଁ ଯାଇଥିଲେ। ସେଠାରେ କିଛି ଲୋକ ତାଙ୍କୁ ଚୋର ସନ୍ଦେହ କରି ଆକ୍ରମଣ କରିଥିଲେ। ଫଳରେ ସେ ଚେତା ହରାଇଥିଲେ। ଚେତା ଫେରିବା ପରେ ସେ ଆହତ ହୋଇ ପଡ଼ିଥିବା ଓ ଘଟଣା ନେଇ ତାଙ୍କୁ ବନ୍ଧୁ ମହମ୍ମଦ ଫାରୁକ ଶେଖଙ୍କୁ ଫୋନରେ ଜଣାଇଥିଲେ। ତାଙ୍କ ବନ୍ଧୁମାନେ ହିଞ୍ଜିଳିଥାନାରେ ଜଣାଇଥିଲେ। ତେବେ ଉକ୍ତ ଅଞ୍ଚଳଟି ଶେରଗଡ଼ ଥାନା ଅଧୀନରେ ଆସୁଥିବାରୁ ସେମାନେ ଶେରଗଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ। ଶେରଗଡ଼ ପୋଲିସ କେତେଜଣଙ୍କୁ ପଚରାଉଚରା ଚଳାଇଥିବା ବେଳେ ବୁରୁପୋଡ଼ା ଓ ମାରୁଡ଼ି ରାସ୍ତାରୁ ମୁମୂର୍ଷ ଅବସ୍ଥାରେ କାନୁଙ୍କୁ ତାଙ୍କ ବନ୍ଧୁମାନେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ଦେଓମାଳି ଓଡ଼ିଶାର: ମନ୍ତ୍ରୀ

### ଖୁବ୍‌ଶୀଘ୍ର ରାଜସ୍ୱ ରେକର୍ଡରେ ଅନ୍ତର୍ଭୁକ୍ତ ହେବ

ଭୁବନେଶ୍ୱର,୨।୮ବ୍ୟୁରୋ)

ଦେଓମାଳି ଓଡିଶାର । ଏହା ଓଡିଶାର ହୋଇ ରହିବ । ବିଧାନସଭାରେ ଯେଉଁ ମନ୍ତବ୍ୟ ଦେଇଥିଲି ତାହା ଭୁଲ ଥିଲା ବୋଲି ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି । କେବଳ ଦେଓମାଳି ନୁହେଁ, ଏହାର ଆଖ ପାଖ ଗ୍ରାମଗୁଡିକ ମଧ୍ୟ ଓଡିଶାର । ସେଠାରେ କୌଣସି ସୀମା ବିବାଦ ଉଠିବା ଉଚିତ ନୁହେଁ। ଉଭୟ ରାଜସ୍ୱ ଆଉ ଫରେଷ୍ଟ ରେକର୍ଡରେ ଦେଓମାଳିର ନାମ ନ ଥିବା କହିଥିଲି । ଦେଓମାଳି ଓଡ଼ିଶାର ନୁହେଁ ବୋଲି କହି ନାହିଁ। ଦେଓମାଳି ହେଉଛି ଓଡିଶାର ସମ୍ପତ୍ତି ଏବଂ ଏହାକୁ ଘେରି ରହିଥିବା ଗାଁଗୁଡିକ ମଧ୍ୟ ଓଡିଶାର ସମ୍ପତ୍ତି । ଏହା ରେକର୍ଡରେ ନାହିଁ । ଏହାକୁ ଖୁବ ଶୀଘ୍ର ରେକର୍ଡରେ ସ୍ଥାନ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ଏହାଉପରେ ଖୁବଶୀଘ୍ର ଏକ ସମନ୍ୱୟ ବୈଠକ ଡକାଯିବ ଓ ସମସ୍ତ ସୀମାକୁ ମାପଚୁପ କରାଯିବ । ରାଜ୍ୟ ସରକାରଙ୍କ ରେର୍କଡରେ ସାମିଲ କରାଯିବ ବୋଲି ମନ୍ତ୍ରୀ ଗଣମାଧମକୁ ସୂଚନା ଦେଇଛନ୍ତି। ସୋମବାର ବିଧାନସଭାରେ ପର୍ଯ୍ୟଟନ ମନ୍ତ୍ରୀ ଦେଓମାଳି ଉପରେ ଏକ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ମନ୍ତ୍ରୀଙ୍କୁ ଗୃହରେ ସମାଲୋଚନାର ଶିକାର ହେବାକୁ ପଡିଥିଲା । ମନ୍ତ୍ରୀ କହିଥିଲେ ଯେ ଓଡିଶାର ରାଜସ୍ୱ ଖାତାରେ ଦେଓମାଳିର ନାମ ନାହିଁ। ଏହାକୁ ନେଇ ଗୃହରେ ବାଚସ୍ପତି ମଧ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ । ଯଥାଶୀଘ୍ର ସମନ୍ୱୟ ବୈଠକ ଡାକି ଏହାର ସମାଧାନ କରିବାକୁ ଆଦେଶ ଦେଇଥିଲେ । ନିଜର ଭୁଲ ମନ୍ତବ୍ୟ ପାଇଁ ମନ୍ତ୍ରୀ କ୍ଷମାପ୍ରାର୍ଥନା କରିଥିଲେ।

## କୃଷି ଉଦ୍ୟାନ ବିଭାଗ ଦେଉଥିବା ଚାରା ନିମ୍ନମାନର

### ଅଭିଯୋଗ ଆଣିଲା ରାୟଗଡ଼ା ଚାଷୀ ଏକତା ପରିଷଦ

ରାୟଗଡା ଅଫିସ, ୨।୮

ରାୟଗଡା ଜିଲା କୃଷି ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ଆମ୍ବ ଓ କାଜୁ ଚାରା ନିମ୍ନମାନର ଅଭିଯୋଗ ନେଇ ମଙ୍ଗଳବାର ଚାଷୀ ଏକତା ପରିଷଦ ପକ୍ଷରୁ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଚାଷୀ ଏକତା ପରିଷଦ ସଭାପତି ପ୍ରତାପ ପୁଆଲାଙ୍କ ନେତୃତ୍ୱରେ ପରିଷଦର ସଦସ୍ୟମାନେ ଉପଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ଆମ୍ବ ଓ କାଜୁ ଚାରା ନିମ୍ନମାନର ହୋଇଥିବାରୁ ଗଛଗୁଡିକ ଠିକ୍ ସମୟରେ ବଢୁ ନାହିଁ। ଠିକ୍ ସମୟରେ ଫଳ ଧରୁ ନ ଥିବା ଏବଂ ରୋପଣ ପରେ ଅଧିକାଂଶ ଗଛ ମରି ଯାଉଥିବା ଅଭିଯୋଗ ହୋଇଛି। ଏଥିସହ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଚାଷୀ ଭାଇମାନେ ଠିକ୍ ସମୟରେ ଚାରା, ସାର ଓ ଅନ୍ୟ ସାମଗ୍ରୀ ପାଉ ନ ଥିବା ସହ ସରକାରୀ ଯୋଜନାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଚାଷୀଙ୍କୁ ଉତ୍କୃଷ୍ଟମାନର ଚାରା, ସାର ଠିକ ସମୟରେ ଯୋଗାଇବା ସହ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବାକୁ ଚାଷୀ ଏକତା ପରିଷଦ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ଦିଗରେ ଅବହେଳା କରାଗଲେ ପରିଷଦ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯିବ ବୋଲି ସଭାପତି ପୁଆଲା କହିଛନ୍ତି।

## ଗଞ୍ଜାମ ଜିଲାରେ ମଙ୍କିପକ୍ସ ନାହିଁ : ସିଡିଏମ୍‌ଓ

ବ୍ରହ୍ମପୁର ଅଫିସ,୨।୮

ଗଞ୍ଜାମ ଜିଲାରେ ବର୍ତ୍ତମାନ ସୁଦ୍ଧା କୌଣସି ମଙ୍କିପକ୍ସ ରୋଗୀ ଚିହ୍ନଟ ହୋଇନାହାନ୍ତି। ତେବେ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହେଲେ ସେମାନଙ୍କ ଚିକିତ୍ସା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିଛି ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ) ଡା. ଉମା ଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରୁ ଏନେଇ ନିୟମାବଳୀ ଜାରି ହୋଇ ଜିଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡସ୍ତରୀୟ ହସ୍ପିଟାଲ, ମହାନଗର ନିଗମ ଅଧୀନରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ନଗର ଚିକିତ୍ସାଳୟ, ଏମ୍‌କେସିଜି ହସ୍ପିଟାଲକୁ ଅବଗତ କରାଯାଇଛି। ମଙ୍କିପକ୍ସ ଉପରେ ଜନସାଧାରଣଙ୍କୁ ସଚେତନ, ସନ୍ଦିଗ୍ଧଙ୍କ ନମୁନା ସଂଗ୍ରହ କରି ପରୀକ୍ଷା କରିବା ଓ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ସଂଗରୋଧରେ ରଖିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ଏଯାବତ ଦେଶରେ ୮ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଗତ ୩୧ ତାରିଖରେ କେରଳ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ସତର୍କ ହେଲେଣି ରାଜ୍ୟ ସରକାର। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଏନେଇ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଲକ୍ଷଣ ଦେଖାଗଲେ ନିକଟସ୍ଥ ଚିକିତ୍ସାଳୟକୁ ଯିବା ସହ ଆଶାକର୍ମୀ ଓ ଏଏନ୍‌ଏମ୍ କର୍ମୀଙ୍କୁ ଜଣାଇବାକୁ ସିଡିଏମ୍‌ଓ ମିଶ୍ର କହିଛନ୍ତି। ଯଦି କୌଣସି ଲକ୍ଷଣ ଦେଖାଯାଉଛି ତେବେ ପରୀକ୍ଷା କରି ସଂଗରୋଧରେ ରୁହନ୍ତୁ। ଜ୍ୱର ସହ ଗଳା ଦରଜ ହେବା, ହାତ ଗୋଡରେ ଘା' ହୋଇ ଯଦି ଫୋଟକା ହୁଏ ତେବେ ଅବହେଳା ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି, ଭୁବନେଶ୍ୱର ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆରଏମ୍‌ଆରସି)ରେ ହେବ ମଙ୍କିପକ୍ସ ନମୁନା ପରୀକ୍ଷା କେନ୍ଦ୍ର। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି (ଏନଆଇଭି)ରୁ ଅଣାଯାଇଥିବା କିଟ୍ ସାହାଯ୍ୟରେ ଆରଏମ୍‌ଆରସି ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି। ବିଦେଶ ଫେରନ୍ତାଙ୍କ ତାଲିକା କେନ୍ଦ୍ର ସରକାରଙ୍କୁ ମଗାଯାଇଛି। ଜିଲାରେ ଜନସାଧାରଣଙ୍କୁ ଏଦିଗରେ ସଚେତନ କରାଯାଉଛିବୋଲି ସିଡିଏମ୍‌ଓ ମିଶ୍ର କହିଛନ୍ତି।

## ବଳଦଟଣା ମାଣ୍ଡିଆ ମଞ୍ଜିବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

ଆର.ଉଦୟଗିରି,୨।୮(ଡି.ଏନ୍.ଏ.)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଅଧୀନ ପଶୁଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ କୃଷିବିଜ୍ଞାନ କେନ୍ଦ୍ର, ଗଜପତିର ମିଳିତ ଉଦ୍ୟମରେ ମୋହନା ବ୍ଲକ ଅନ୍ତର୍ଗତ କଦମ୍ବଚୁଆଁ ଗ୍ରାମଠାରେ ମାଣ୍ଡିଆ ଚାଷ ପାଇଁ ଉନ୍ନତ ବଳଦଟଣା କୃଷି ଯନ୍ତ୍ରପାତିର କ୍ଷେତ୍ର ପ୍ରଦର୍ଶନ ଆୟୋଜନ କରାଯାଇଥିଲା। ଏଥିରେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ, କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ. ଅମିତ କୁମାର ମାଝି, ବେସରକାରୀ ସଂସ୍ଥା ସକାଳର ସଂଯୋଜକ ସନ୍ତୋଷ କୁମାର ଗୌଡ଼ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ପ୍ରକଳ୍ପ ତରଫରୁ ବିକଶିତ ଓୟୁଏଟି ଉନ୍ନତ ଯୁଆଳି, ବଳଦଟଣା ଘାସବଛା ଯନ୍ତ୍ର ଓ ବଳଦଟଣା ଚାରିଧାଡ଼ିଆ ମାଣ୍ଡିଆ ମଞ୍ଜିବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଖାରିଡିପ ଗ୍ରାମର ଆଗୁଆ ଚାଷୀ



ବଳଦଟଣା ମାଣ୍ଡିଆ ମଞ୍ଜିବୁଣା ଯନ୍ତ୍ର ।

ଅରକ୍ଷିତ ନାୟକଙ୍କ ସହାୟତାରେ ଚାଷଜମିରେ ଏହି କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ନିମନ୍ତ୍ରିତ ଅନେକ ଅଗ୍ରଣୀ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରି ପ୍ରକଳ୍ପ ତରଫରୁ ବିକଶିତ ବିଭିନ୍ନ ଉନ୍ନତ ବଳଦଟଣା ଯନ୍ତ୍ରପାତିର ବିକାଶ, ବ୍ୟବହାର, ଉପାଦେୟତା, ମରାମତି ତଥା ନିୟନ୍ତ୍ରଣ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ରାଜ୍ୟର ଚାଷୀମାନଙ୍କର ସମସ୍ୟାକୁ ଲକ୍ଷ୍ୟ ରଖି କୃଷି ଓ ଆନୁଷଙ୍ଗିକ ବିଭିନ୍ନ ବିଷୟରେ ବିଶ୍ୱବିଦ୍ୟାଳୟ ତରଫରୁ ଗବେଷଣା ଚାଲୁ ରହିଛି ବୋଲି ପ୍ରକାଶ କରିଥିଲେ। କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ ଅମିତ କୁମାର ମାଝି ମହାବିଦ୍ୟାଳୟରୁ ବିକଶିତ ଅନେକ କୃଷି ଯନ୍ତ୍ରପାତି ରାଜ୍ୟର ଚାଷୀମାନଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଗଜପତି ଜିଲାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଭାଇମାନେ ପ୍ରକଳ୍ପ ତରଫରୁ ବିକଶିତ ଉନ୍ନତ ବଳଦଟଣା କୃଷି ଯନ୍ତ୍ରପାତି ବ୍ୟବହାର କରି ଚାଷ କାମଗୁଡ଼ିକୁ କମ୍ ଖର୍ଚ୍ଚରେ, କମ୍ ସମୟରେ, ଅଳ୍ପ ପରିଶ୍ରମରେ ବେଶ୍ ଲାଭବାନ୍ ହୋଇପାରିବେ ବୋଲି ବେସରକାରୀ ସଂସ୍ଥା ସକାଳର ସଂଯୋଜକ ସନ୍ତୋଷ କୁମାର ଗୌଡ଼ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ। ସମ୍ପ୍ରତି ବଳଦଟଣା କୃଷି ଯନ୍ତ୍ରପାତି ବ୍ୟବହାର କରାଗଲେ ଜମିରେ ମାଟିର ଗୁଣବତ୍ତା ବଜାୟ ରହିବା ସହ ଗୋବର ଖତର ବ୍ୟବହାର ବୃଦ୍ଧି ହେବା ଯୋଗୁ ଉତ୍ପାଦନ ମଧ୍ୟ ବଢ଼ିପାରିବ ବୋଲି ବିଶେଷଜ୍ଞମାନେ ମତ ରଖିଥିଲେ। ଏହିସବୁ ଯନ୍ତ୍ରଗୁଡ଼ିକର ସଫଳ ବ୍ୟବହାର କରି ଉକ୍ତ ବର୍ଗର ଚାଷୀଭାଇମାନେ ବିଶେଷ ଉପକୃତ ହୋଇପାରିବେ। ଖାରିଡିପ ଗ୍ରାମର ଆଗୁଆ ଚାଷୀ ଅରକ୍ଷିତ ନାୟକ କାର୍ଯ୍ୟକ୍ରମ ସମ୍ପାଦନା କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଉକ୍ତ ଗ୍ରାମର ଚାଷୀ ଭାଇ ଓ ଭଉଣୀମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ।

